ଆଜି - ଗୁରୁବାର
ତାରିଖ - ୩୦ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୧୪
ତିଥି -ପ୍ରତିପଦ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଶ୍ରବଣା, ମକର ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୫ : ୦୦
ସୂର୍ଯ୍ୟାସ୍ତ - ୬ : ୨୧: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com


"ଈଶ୍ୱର ଜଣେ । ତାଙ୍କ ସମ ଆଉ କେହି ନାହାନ୍ତି । ତାଙ୍କର ଅନ୍ତ ନାହିଁ । ସମସ୍ତ ଜୀବନ୍ତ ପ୍ରାଣୀଙ୍କ ଶରୀରରେ ସେ ବିଦ୍ୟମାନ ।"

- ରାଜା ରାମ ମୋହନ ରାୟ


Vol.- 41 ISSUE- 107 R.N.I. REGD. No. 44026/86 ବାଲେଶ୍ୱର ୩୦ ଜୁଲାଇ ୨୦୨୬ ଗୁରୁବାର BALASORE 30 JULY 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ଦେଶରେ ବାଘ ସଂରକ୍ଷଣକୁ ସୁଦୃଢ଼ କରାଯାଉଛି : ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ: ବାଘ ସଂରକ୍ଷଣ କ୍ଷେତ୍ରରେ ଭାରତ ନିଜର ବିଶ୍ୱସ୍ତରୀୟ ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି । ବର୍ତ୍ତମାନ ବିଶ୍ୱର ପ୍ରାୟ ୭୫ ପ୍ରତିଶତ ବାଘ ଭାରତରେ ରହିଛନ୍ତି । ସଦ୍ୟତମ ତଥ୍ୟ ଅନୁସାରେ, ଭାରତରେ ବାଘଙ୍କ ସଂଖ୍ୟା ୩,୬୮୨ରେ ପହଂଚିଛି, ଯେଉଁମାନେ ଦେଶର ୫୮ଟି ଟାଇଗର ରିଜର୍ଭରେ ବିସ୍ତାରିତ ଅଛନ୍ତି । ଏହି ସଫଳତା ଦର୍ଶାଉଛି ଯେ, ଦେଶରେ ସଂରକ୍ଷଣ ସମ୍ବନ୍ଧୀୟ ନୀତି ଏବଂ ପଦକ୍ଷେପଗୁଡ଼ିକ ପ୍ରଭାବଶାଳୀ ରହିଛି । ବାଘ ଏବଂ ସେମାନଙ୍କର ପ୍ରାକୃତିକ ବାସସ୍ଥାନର ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଆଗକୁ ମଧ୍ୟ ଜାରି ରହିବ । ଜଙ୍ଗଲ ସହ ଜଡ଼ିତ ସ୍ଥାନୀୟ ସମୁଦାୟମାନଙ୍କର ଜୀବିକାକୁ ସଶକ୍ତ କରିବା ଏବଂ ସେମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ମଧ୍ୟ ନିରନ୍ତର ପ୍ରୟାସ କରାଯିବ । ପ୍ରକାଶଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଅବସରରେ ଦେଶ ତଥା ବନ୍ୟଜନ୍ତୁ ପ୍ରେମୀମାନଙ୍କୁ ଶୁଭେଚ୍ଛା ଜଣାଇ ବ୍ୟାଘ୍ର ସଂରକ୍ଷଣ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସେ କହିଥିଲେ ଯେ ଭାରତ ଗର୍ବିତ ଯେ ବିଶ୍ୱର ପ୍ରାୟ ୭୦ ପ୍ରତିଶତ ବାଘ ଆମ ଦେଶରେ ବାସ କରନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତରେ ବ୍ୟାଘ୍ର ସଂରକ୍ଷଣ ପ୍ରୟାସ ପ୍ରକୃତି ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିବାର ଆମର ଶତାବ୍ଦୀ ପୁରୁଣା ସଂସ୍କୃତି ଏବଂ ଜନ ଭାଗିଦାରୀର ଭାବନା ଦ୍ୱାରା ଅନୁପ୍ରାଣିତ । ବିଜ୍ଞାନ ଆଧାରିତ ସଂରକ୍ଷଣ, ଗୋଷ୍ଠୀଗତ ଯୋଗଦାନ ଏବଂ ନିରନ୍ତର ବିକାଶ ମାଧ୍ୟମରେ ବ୍ୟାଘ୍ର ସଂରକ୍ଷଣକୁ ଅଧିକ ସୁଦୃଢ଼ କରିବା ପାଇଁ ଦେଶ ନିରନ୍ତର କାର୍ଯ୍ୟ କରୁଛି ।ବାଘ ସଂରକ୍ଷଣରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ବନ କର୍ମଚାରୀ, ବୈଜ୍ଞାନିକ ଏବଂ ସଂରକ୍ଷଣବାଦୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ସେମାନଙ୍କ ଅକ୍ଲାନ୍ତ ପ୍ରୟାସ ଦ୍ୱାରା ଭାରତ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାର ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ମାନବ-ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ କରିବା ଲାଗି ମଧ୍ୟ ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ସାମୂହିକ ପ୍ରୟାସ ଦ୍ୱାରା ଭାରତ ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ନୂତନ ଶିଖର ଛୁଇଁବ ।

# ବନ୍ୟାସ୍ଥିତି ନେଇ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

## ବନ୍ୟା ପ୍ରଭାବିତଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦେଲେ ନିର୍ଦ୍ଦେଶ





ଭୁବନେଶ୍ୱର : ରାଜ୍ୟରେ ବନ୍ୟା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ୩ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ସେମାନଙ୍କ ଠାରୁ ପ୍ରଭାବିତ ଅଂଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଜନ ସାଧାରଣଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ଏବଂ ସ୍ଥାନୀୟ ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ସ୍ଥିତି ଉପରେ ନିରନ୍ତର ନଜର ରଖିଛି । ଆମର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଶ୍ରୀ ଗଣେଶ ରାମ ସିଂ ଖୁ[ିଆଙ୍କ ସହ ଆଲୋଚନା କରି ପ୍ରଭାବିତ ଅଂଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି ।ପ୍ରଭାବିତ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ ସମ୍ପୂର୍ଣ୍ଣ ସଜାଗ ରହି ପ୍ରତ୍ୟେକଟି ବିପନ୍ନ ପରିବାର ପାଖରେ ସହାୟତା ପହଂଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନର ସମସ୍ତ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସ୍ଥିତିର ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି । ଆପଣମାନଙ୍କ ସୁରକ୍ଷା ଓ ସେବା ପାଇଁ ସରକାର ସଦା ସର୍ବଦା ଆପଣଙ୍କ ସହ ଅଛନ୍ତି । ଭୟଭୀତ ନ ହୋଇ ସତର୍କ ରୁହନ୍ତୁ ଏବଂ ସ୍ଥାନୀୟ ପ୍ରଶାସନକୁ ସହଯୋଗ କରନ୍ତୁ । ଭୁବନେଶ୍ୱର, ୨୯ ଜୁଲାଇ (ହି.ସ)- ରାଜ୍ୟର ବିଭିନ୍ନ ଅଂଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ବନ୍ୟାଂଚଳରେ କୌଣସି ପ୍ରଭାବିତ ଯେପରି ଖାଦ୍ୟ ଅଭାବର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଆବଶ୍ୟକତା ଦୃଷ୍ଟିରୁ ରନ୍ଧାଖାଦ୍ୟ ପ୍ରଦାନ ଅବଧିକୁ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଓ ସମସ୍ତ ସମ୍ପୃକ୍ତ ବିଭାଗ ଗ୍ରାଉଣ୍ଡ ଜିରୋରେ ସମ୍ପୂର୍ଣ୍ଣ ତତ୍ପରତା ସହ କାର୍ଯ୍ୟ କରୁଛନ୍ତି । ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ଚିକିତ୍ସା ସେବା ଓ ନିରାପତା ସୁନିଶ୍ଚିତ କରାଯିବା ସହ ପ୍ରତିଟି ପ୍ରଭାବିତ ପରିବାର ନିକଟରେ ସହାୟତା ପହଂଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ।

## ଅଳ୍ପରେ ଖବର

- ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଆଜି ଅନ୍ତର୍ଜାତୀୟ ବାଘ ଦିବସ– ୨୦୨୬ ଅବସରରେ ବିଭିନ୍ନ ସଚେତନତା, ଶିକ୍ଷାମୂଳକ ଓ ସଂରକ୍ଷଣଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବାଘ ସଂରକ୍ଷଣ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏବଂ ବନ୍ୟଜନ୍ତୁ ସୁରକ୍ଷାରେ ସାଧାରଣ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ।
- ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ଦିନ ସେଂଚୁରିୟନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଏଠାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ, ନବସୃଜନ, ଦକ୍ଷତା ବିକାଶ ଓ ଗବେଷଣା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଦେଖିଥିଲେ । ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ ।
- - ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ସଂସ୍ଥା ଦ୍ୱାରା ଭୁବନେଶ୍ୱରର ଲୋକସେବା ଭବନ କନଭେନ୍ସନ ସେଂଟର ଠାରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକ-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।

# ବନ୍ୟା କ୍ଷତିଗ୍ରସ୍ତ ରାସ୍ତା ଓ କୋଠାବାଡ଼ିର ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ



ଭୁବନେଶ୍ୱର : ରାଜ୍ୟର ବିଭିନ୍ନ ଅ*ଳରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ବିଭିନ୍ନ ଅ*ଳରେ ରାସ୍ତା ଓ ସରକାରୀ କୋଠା ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ନଜରକୁ ଆସିଛି । ଏହାକୁ ଦୃଷ୍ଟିରେ ରଖି ନିର୍ମାଣ ବିଭାଗ ଅଧୀନରେ ଥିବା ରାସ୍ତା ଓ ଜାତୀୟ ରାଜପଥ ଗୁଡ଼ିକର ତୁରନ୍ତ ମରାମତି ଓ ପୁନରୁଦ୍ଧାର କରି ଯାତାୟତ ଉପଯୋଗୀ କରିବା ଓ କୋଠାବାଡ଼ି ର ମରାମତି ପାଇଁ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଲଘୁଚାପ ଜନିତ ବର୍ଷା ଓ ବନ୍ୟା ସ୍ଥିତି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ପ୍ରଭାବିତ ରାସ୍ତା, ସେତୁ ଓ କୋଠା ଗୁଡ଼ିକର ଶୀଘ୍ର ମରାମତି ଉପରେ ଗୁରୁତ୍ୱ ଦେଇଥିଲେ ।ପରେ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ୍ ଲିମିଟେଡ୍, ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ୍-କମ୍-ରୋଡ୍ସ), ଜାତୀୟ ରାଜପଥ ପ୍ରାଧିକରଣ (ଘଐଇଓ), ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ (ଗଦ୍ଧଜଞଐ)ର ଆ*ଳିକ କାର୍ଯ୍ୟାଳୟ ସମେତ ରାସ୍ତା, ସେତୁ ଓ ଜାତୀୟ ରାଜପଥ ସଂଗଠନର ସମସ୍ତ ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ଜାରି କରାଯିବା ସହ କ୍ଷତିଗ୍ରସ୍ତ ସଡ଼କର ତୁରନ୍ତ ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ସମ୍ପନ୍ନ କରିବାକୁ କୁହାଯାଇଛି । ଏଥି ସହିତ ବନ୍ୟା ପ୍ରଭାବିତ ଅ*ଳରେ ଯାତାୟତ ସ୍ୱାଭାବିକ କରିବାକୁ ନିର୍ମାଣ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ଆହୁରି ଏହି ପ୍ରସଙ୍ଗକୁ 'ଅତ୍ୟନ୍ତ ଜରୁରୀ' ଭାବେ ବିବେଚନା କରି ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ସ୍ଥିତି ଉପରେ ନିରନ୍ତର ନଜର ରଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସୁରକ୍ଷିତ ଯାତାୟତ ସୁନିଶ୍ଚିତ କରିବାକୁ ପତ୍ର ଜରିଆରେ ସବୁ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଆଗାମୀ ୩ ବର୍ଷରେ ଗାଁ ରେ ପହଂଚିବ ଅପ୍ଟିକାଲ ଫାଇବର ଇଂଟରନେଟ

## ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର: ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରାଜ୍ୟର ୬,୭୯୯ଟି ଗ୍ରାମ ପଂଚାୟତକୁ ଆଇପି ଏମ୍ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବ । ଗ୍ରାମ ସ୍ତର ପର୍ଯ୍ୟନ୍ତ ଏଫଟିଟିଏଚ୍ (ଫାଇବର ଟୁ ଦ ହୋମ୍ ) ସଂଯୋଗ ବିସ୍ତାର କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ମିଶନରେ 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ର ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଂଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୩୩୮୪ କୋଟିର ଅଧିକ ଟଙ୍କା ଖର୍ଚ୍ଚ କରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ । ଏହା ଅଧୀନରେ ୫୦ ହଜାରରୁ ଅଧିକ ଗାଁକୁ ଇଂଟରନେଟ ସେବା ଉପଲବ୍ଧ କରାଯିବ ବୋଲି କହିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଂଚାୟତକୁ ଯୋଡି ପଂଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଂଚାୟତରୁ ଗାଁ ର ଘରକୁ ଘର ସଂଯୋଗ କରାଯିବ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ ବ୍ଲକକୁ ଡାଟା ଏକ୍ସଚେଞ୍ଜ ସେଂଟର ଏବଂ ପ୍ରତ୍ୟେକ ଗ୍ରାମ ପଂଚାୟତ ସ୍ତରରେ ମଧ୍ୟ ଏକ ଡାଟା ଏକ୍ସଚେଞ୍ଜ ସେ[ର ଭାବେ ବିକଶିତ କରାଯିବ । ସରକାରଙ୍କ ସଂକଳ୍ପ ପତ୍ର ଅନୁସାରେ ଆଜି ଡିଜିଟାଲ୍ ଭିତିଭୂମିକୁ ଅଧିକ ସୁଦୃଢ କରିବା, ଉନ୍ନତ ପ୍ରଯୁକ୍ତିର ପ୍ରସାର ଏବଂ ନାଗରିକମାନଙ୍କୁ ଉନ୍ନତମାନର ଡିଜିଟାଲ୍ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ନିଶ୍ଚିତ ରୂପେ ବାସ୍ତବ ରୂପ ନେଇଛି ବୋଲି ମନ୍ତ୍ରୀ କହିଛନ୍ତି । ପ୍ରଥମ ବୁଝାମଣା ପତ୍ରଟି ଓଡ଼ିଶାରେ ସଂଶୋଧିତ ଭାରତନେଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଡିଜିଟାଲ୍ ଭାରତ ନିଧି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ, ଭାରତ ସରକାରଙ୍କ ଦୂରସଂଚାର ବିଭାଗ ଏବଂ ବିଏସଏନଏଲ ମଧ୍ୟରେ ତ୍ରିପକ୍ଷୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।ଏହା ସହିତ ଉଦୀୟମାନ ପ୍ରଯୁକ୍ତି, ଗବେଷଣା ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଛି ।

# ରାଜ୍ୟରେ ୧୦୦ବର୍ଷ ପୂରଣ କରିଥିବା ସ୍କୁଲ ହେବ ଐତିହ୍ୟ ବିଦ୍ୟାଳୟ

ଭୁବନେଶ୍ୱର : ଐତିହ୍ୟ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର । ରାଜ୍ୟରେ ଥିବା ସର୍ବପୁରାତନ ତଥା ୧୦୦ବର୍ଷ ପୂରଣ କରିଥିବା ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ଯୋଜନାରେ କରାଯିବ ସାମିଲ । ଏଥିରେ ୪୯ଟି ସ୍କୁଲକୁ ଚିହ୍ନଟ କରାଯାଇଛି । ୪୯ଟି ସ୍କୁଲକୁ ବିକଶିତ କରିବା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି । ସେହି ସଂସ୍ଥା ସ୍କୁଲ ପରିଦର୍ଶନ କରି ୧୩ଟି ସ୍କୁଲର ସମ୍ଭାବ୍ୟତା ରିପୋର୍ଟ ପ୍ରଦାନ କରିଛି । ଐତିହ୍ୟ ବିଦ୍ୟାଳୟ କାର୍ଯ୍ୟ ସରକାର ଓବିସିସିକୁ ପ୍ରଦାନ କରିଛନ୍ତି । ଏସଂପର୍କିତ ତଥ୍ୟ ସେହି ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ କମିଟି ଅଧକ୍ଷଙ୍କୁ ଚିଠି ଲେଖିଛି ଓବିସିସି । ଚିଠି ଅନୁସାରେ, ଐତିହ୍ୟ ଯୋଜନାରେ ସାମିଲ ହୋଇଥିବା କଟକ ଜିଲ୍ଲାର ସ୍କୁଲ ମଧ୍ୟରୁ ପ୍ରାରମ୍ଭିକ ଭାବେ ୭ଟି ସ୍କୁଲର ସମ୍ଭାବ୍ୟ ଡିପିଆର ପ୍ରସ୍ତୁତ ସରିଛି । ଏଥିରେ ପ୍ୟାରୀ ମୋହାନ ଏକାଡେମୀ, ଭକ୍ତମଧୁ ବିଦ୍ୟାପୀଠ, ରେଭେନ୍ସା କଲିଜିଏଟ୍ ସ୍କୁଲ, ବିକେ ବିଦ୍ୟାପୀଠ, ମୋହନ ସୁବୁଦ୍ଧି ହାଇସ୍କୁଲ, କାଳିବଜାର ସରକାରୀ ବାଳିକା ହାଇସ୍କୁଲ, ରାଣୀହାଟ ହାଇସ୍କୁଲକୁ ଚିହ୍ନଟ କରାଯାଇଛି । ସେହିପରି ଜଗତ୍ ?ସିଂହପୁରର ଶାରଦା ଏକଡେମୀ ସରକାରୀ ହାଇସ୍କୁଲ, କୁଜଙ୍ଗର ବିବି ସରକାରୀ ହାଇସ୍କୁଲ, ଖୋର୍ଦ୍ଧା ଜିଲ୍ଲାର ବିଜେବି ହାଇସ୍କୁଲ, ପୁରୀ ଜିଲ୍ଲାର ଜିଲ୍ଲା ସ୍କୁଲ, କେନ୍ଦ୍ରାପଡ଼ାର କେନ୍ଦ୍ରାପଡ଼ା ହାଇସ୍କୁଲର ପ୍ରାରମ୍ଭିକ ଭାବେ ଉନ୍ନୀତକରଣ କରାଯିବ । ପଂଚସଖା ଶିକ୍ଷା ସେତୁ ସଂଗଠନ ଅଧୀନରେ ଗଠିତ ଜିଲ୍ଲାସ୍ତରୀୟ କମିଟି ଏକ ବୈଠକ କରିବାକୁ ନିର୍ଦ୍ଦେଶ ହୋଇଛି ।

# ରଥଯାତ୍ରା-୨୦୨୬ରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ରେଳଯାତ୍ରାକୁ ସଫଳତାର ସହ ପରିଚାଳନା କଲା ପୂର୍ବତଟ ରେଳପଥ







ଭୁବନେଶ୍ୱର, : ପୂର୍ବତଟ ରେଳପଥ ପୁରୀରେ ଅନୁଷ୍ଠିତ ରଥଯାତ୍ରା ୨୦୨୬ ସମୟରେ, ପୂରା ଉତ୍ସବ ସମୟରେ ଲାଗିରହିଥିବା ଅବିରନ୍ତ ମୌସୁମୀ ବର୍ଷା ସତ୍ତ୍ୱେ ରେଳ ପରିଚାଳନା ଏବଂ ଯାତ୍ରୀଙ୍କ ଚଳାଚଳକୁ ସଫଳତାର ସହ ପରିଚାଳନା କରିଛି । ଏହି ରଥଯାତ୍ରା ଅବଧି ସମୟରେ ପ୍ରାୟ ୧୩ ଲକ୍ଷ ତୀର୍ଥଯାତ୍ରୀ ପୁରୀ ରେଳ ଷ୍ଟେସନ ଦେଇ ଯାତ୍ରା କରିଥିବା ବେଳେ, ପ୍ରତିଦିନ ହାରାହାରି ପ୍ରାୟ ଏକ ଲକ୍ଷ ଯାତ୍ରୀଙ୍କ ଯାତାୟାତ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା ।ରଥଯାତ୍ରା ପାଇଁ ପ୍ରସ୍ତୁତି ଅନେକ ମାସ ପୂର୍ବରୁ ଆରମ୍ଭ କରାଯାଇଥିଲା । ଭିତିଭୂମି ବିକାଶ, ଯାତ୍ରୀ ସୁବିଧା, ସୁରକ୍ଷା ବ୍ୟବସ୍ଥା, ଟ୍ରେନ ପରିଚାଳନା ଏବଂ ଜରୁରୀକାଳୀନ ସେବାକୁ ସାମିଲ କରି ଏକ ବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଥିଲା । ସମସ୍ତ ପ୍ରସ୍ତୁତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବା ସୁନିଶ୍ଚିତ କରିବା ପାଇଁ ମଣ୍ଡଳ ଓ ଜୋନ ସ୍ତରରେ ନିୟମିତ ସମୀକ୍ଷା କରାଯାଇଥିଲା । ଏହାର ଫଳସ୍ୱରୂପ, ଗତ ବର୍ଷ ତୁଳନାରେ ୬.୭୮ ପ୍ରତିଶତ ଅଧିକ ଯାତ୍ରୀ ଚଳାଚଳକୁ ପୂର୍ବତଟ ରେଳପଥ ସଫଳତାର ସହ ପରିଚାଳନା କରିବାରେ ସକ୍ଷମ ହୋଇଥିଲା । ରଥଯାତ୍ରା ପୂର୍ବରୁ ଏବଂ ପର୍ବ ସମୟରେ ପୂର୍ବତଟ ରେଳପଥ ଜିଲ୍ଲା ପ୍ରଶାସନ, ଓଡ଼ିଶା ପୁଲିସ, ଶ୍ରୀମନ୍ଦିର ପ୍ରଶାସନ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥା ସହ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଥିଲା । ରେଳ ଷ୍ଟେସନ ଭିତରେ ଏବଂ ବାହାରେ ସମସ୍ତ ବ୍ୟବସ୍ଥାକୁ ସୁସମନ୍ୱିତ କରିବା ପାଇଁ ନିୟମିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ଫଳରେ ଅବିରତ ବର୍ଷା ଏବଂ ଅତ୍ୟଧିକ ଯାତ୍ରୀ ସମାଗମ ସମୟରେ ମଧ୍ୟ ଜନସମାଗମକୁ ସୁଚାରୁ ଭାବେ ପରିଚାଳନା କରିବା ସମ୍ଭବ ହୋଇଥିଲା ।ବାଣିଜ୍ୟ, ଯାନ୍ତ୍ରିକ, ସିଗ୍ନାଲ ଓ ଦୂରସଂଚାର, ବୈଦ୍ୟୁତିକ, ଇଞ୍ଜିନିୟରିଂ, ଚିକିତ୍ସା, ରେଳ ସୁରକ୍ଷା ବଳ, ସରକାରୀ ରେଳ ପୁଲିସ ଏବଂ ହାଉସକିପିଂ ସମେତ ବିଭିନ୍ନ ବିଭାଗକୁ ସ୍ୱତନ୍ତ୍ର ଦାୟିତ୍ୱ ଅର୍ପଣ କରାଯାଇଥିଲା । ଯେକୌଣସି ପରିଚାଳନାଗତ ଆବଶ୍ୟକତାରେ ତୁରନ୍ତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ଏକ ସ୍ୱତନ୍ତ୍ର 'ୱାର ରୁମ୍' ୨୪ ଘଂଟା କାର୍ଯ୍ୟକ୍ଷମ ରହି ରେଳ ପରିଚାଳନା ଉପରେ ନିରନ୍ତର ନଜର ରଖିଥିଲା । ରେଲଓନ୍ ଆପ୍, ସ୍ୱୟଂଚାଳିତ ଟିକେଟ୍ ବିକ୍ରୟ ମେସିନ୍ (ଏଟିଭିଏମ୍) ଏବଂ ମୋବାଇଲ୍ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ ଉପକରଣ ଭଳି ଡିଜିଟାଲ୍ ଟିକେଟିଂ ସୁବିଧା ଟିକେଟ୍ କାଉଂଟରରେ ଲମ୍ବା ଧାଡ଼ି କମାଇବାରେ ସହାୟକ ହୋଇଥିଲା ।



## ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବଢ଼ି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଏକାଧିକ ପଂଚାୟତରେ ବନ୍ୟା ପରିସ୍ଥିତି

# ବୋଟ୍‌ଯୋଗେ ବନ୍ୟାଂଚଳ ପରିଦର୍ଶନ କଲେ ସଦର ବିଧାୟକ



ବାଲେଶ୍ୱର(ନି.ପ୍ର.) ଲଘୁଚାପ ଜନିତ ଉତର ଓଡିଶାରେ ଲଗାଣ ବର୍ଷା ଯୋଗୁଁ ସମ୍ପ୍ରତି ବାଲେଶ୍ୱରରେ ଦେଖାଦେଇଛି ବନ୍ୟା ପରିସ୍ଥିତି । ଗତ ୨୭ତାରିଖ ରାତିରେ ଭୀଷଣ ବର୍ଷା ପରେ ଜଳମଗ୍ନ ବାଲେଶ୍ୱର ସହରର ଅନେକ ସ୍ଥାନରୁ ଜଳ ନିଷ୍କାସିତ ହୋଇଥିଲେ ବି ତଳିଆ ଅଂଚଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି । ଏହି ବନ୍ୟା ପ୍ରକୋପରୁ ଲୋକଙ୍କୁ ଆଶ୍ୱସ୍ତି ଦେବା ସହିତ ଉଦ୍ଧାର ଓ ରିଲିଫ କାର୍ଯ୍ୟର ନେତୃତ୍ୱ ନେଉଛନ୍ତି ସଦର ବିଧାୟକ ମାନସ କୁମାର ଦତ । ସଦର ନିର୍ବାଚନମଣ୍ଡଳୀର ଏକାଧିକ ପଂଚାୟତ ପାଣି ଘେରରେ ଥିବା ବେଳେ ପ୍ରଭାବିତ ଅଂଚଳର ଲୋକଙ୍କ ନିକଟରେ ପହଂଚିଛନ୍ତି ବିଧାୟକ ଶ୍ରୀ ଦତ । ଏନଡିଆରଏଫ ଯବାନଙ୍କ ପାୱାର ବୋଟରେ ବିଧାୟକ ଶ୍ରୀ ଦତ ବଂଇଚା ପଂଚାୟତରେ ପହଂଚି ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି । ଏହା ସହିତ ବିପଦ ସଙ୍କୁଳ କଚା ଘରେ ବସବାସ କରୁଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର ସହ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ପଂଚାୟତର ଲୋକ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ ନେଇ ବ୍ୟବସ୍ଥାର ସୁପରିଚାଳନା ଉପରେ ମଧ ବିଧାୟକ ଶ୍ରୀ ଦତ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିଦର୍ଶନ ସମୟରେ ବନ୍ୟା ପିଡିତମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ । ବନ୍ୟା ଛାଡିବା ପରେ ସରକାରଙ୍କ ବିଭିନ୍ନ ଯୋଜନା ମାଧମରେ ସବୁ ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ଦତ ପ୍ରତିଶୃତି ଦେଇଛନ୍ତି । ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ପ୍ରଭାବିତ ବଇଁଚା ପଂଚାୟତରରେ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସୁରକ୍ଷା, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି ବୋଲି ବିଧାୟକ ଶ୍ରୀ ଦତ ସୂଚନା ଦେଇଛନ୍ତି । ସେହିପରି ବୁଢ଼ାବଳଙ୍ଗ ନଦୀ ବନ୍ୟା ଜଳ ଘେରରେ ଥିବା ବାଲେଶ୍ୱର ସହରର ତଳି ଅଂଚଳ ଦଉଡିଭଙ୍ଗାରେ ଓଡ୍ରାଫ ବୋଟ ଯୋଗେ ଘରକୁ ଘର ପହଂଚି ବିଧାୟକ ଶ୍ରୀ ଦତ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ବନ୍ୟା ଯୋଗୁଁ ଦଉଡିଭଙ୍ଗା ଅଂଚଳ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ଓଡ୍ରାଫ ଟିମ ସହଯୋଗରେ ଜଳବନ୍ଦୀ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଉଛି, ଲୋକଙ୍କୁ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ପହଂଚାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତସୂଚନା ଦେଇଛନ୍ତି । ତେବେ ସକାଳେ ପ୍ରଥମେ ତେଲେଙ୍ଗାସାହିରେ ପହଂଚି ବିଧାୟକ ଶ୍ରୀ ଦତ ପ୍ରବଳ ବର୍ଷାରେ ପ୍ରଭାବିତ ପରିବାରଙ୍କୁ ଭେଟି ପଲିଥିନ ବଂଟନ କରିଥିଲେ । ବର୍ଷା ଓ ବନ୍ୟା ପ୍ରଭାବିତଙ୍କ ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି । ସୂଚନା ଯୋଗ୍ୟ ଯେ, ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବଢିବା କ୍ଷଣି ମଙ୍ଗଳବାର ରାତିରେ ବଇଁଚା ପଂଚାୟତର ଗୁଜୁରୀବଜାର ଠାରେ ବିଧାୟକ ଶ୍ରୀ ଦତ ପହଂଚି ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ସମ୍ଭାବ୍ୟ ଏକ ବଡ଼ ବନ୍ୟାର ମୁକାବିଲା ପାଇଁ ସମସ୍ତ ସହାୟତା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ସେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲଘୁଚାପ ସାଙ୍ଗକୁ ପୂର୍ଣ୍ଣିମା ତିଥି ଯୋଗୁଁ ବନ୍ୟା ପରିସ୍ଥିତି ଜଟିଳ ହେବାର ଆଶଙ୍କା ଥିବାରୁ ଏହାର ସଠିକ୍ ମୁକାବିଲା ପାଇଁ ପଂଚାୟତସ୍ତରରେ ପ୍ରଶାସନ ପ୍ରସ୍ତୁତ ରହିବାକୁ ବିଧାୟକ ଶ୍ରୀ ଦତ ନିର୍ଦ୍ଦେଶ ଦେଇଥିଲେ । ଅନୁରୂପ ଭାବେ ବାଲେଶ୍ୱର ପୌରାଂଚଳ ଅନ୍ତର୍ଗତ ସୁଏଲପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଆଶ୍ରୟସ୍ଥଳ ପରିଦର୍ଶନ ସହ ବର୍ଷାରେ ପ୍ରଭାବିତ ହୋଇ ସେଠାରେ ଆଶ୍ରୟ ନେଇଥିବା ଭାଇଭଉଣୀମାନଙ୍କୁ ବିଧାୟକ ଶ୍ରୀ ଦତ ରନ୍ଧା ଖାଦ୍ୟ ବିତରଣ କରିଥିଲେ ।

## TPNODLପକ୍ଷରୁ ଜେ.ଆର.ଡି. ଟାଟାଙ୍କ ୧୨୨ତମ ଜୟନ୍ତୀ ଅବସରରେ ନୈତିକତା ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.): ନୈତିକ ମୂଲ୍ୟବୋଧ ଏବଂ ଦାୟିତ୍ୱବାନ୍ କର୍ପୋରେଟ୍ ବ୍ୟବସ୍ଥା ପ୍ରତି ନିଜର ନିଷ୍ଠାପର ପ୍ରତିବଦ୍ଧତାକୁ ସୁଦୃଢ଼କରି, ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଶ୍ରୀ ଜାହାଙ୍ଗୀର ରତନଜୀ ଦାଦାଭାଇ (ଜେ.ଆରଡି.) ଟାଟାଙ୍କ ୧୨୨ତମ ଜୟନ୍ତୀ ଅବସରରେ ନୈତିକତା ଦିବସ ପାଳନ କରିଛି । ଏହି ଅବସର ସଂସ୍ଥାର ସମସ୍ତ କାର୍ଯ୍ୟାବଳୀ ଓ ସେବାରେ ଟାଟା ଆଚରଣ ସଂହିତାର ଦୃଢ଼ ପାଳନ ଏବଂ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତରଦାୟିତ୍ୱର ସର୍ବୋଚ୍ଚ ମାନ ବଜାୟ ରଖିବା ପାଇଁ ଏକ ସ୍ମାରକୀ ଭାବେ କାର୍ଯ୍ୟ କରିଥିଲା ।ନୈତିକତା ଦିବସ କାର୍ଯ୍ୟକ୍ରମକୁ ଟିପିଏନ୍ ?ଓଡିଏଲ୍ ?ର ସିଇଓ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ବରିଷ୍ଠ ନେତୃତ୍ୱ ଟିମ୍ ଏବଂ କର୍ମଚାରୀମାନଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଉଦ୍ ?ଘାଟନ କରିଥିଲେ । କାର୍ଯ୍ୟକ୍ରମ ସମୟରେ, କର୍ମଚାରୀମାନେ ଶ୍ରୀ ଜେ.ଆ଼ିର୍.ଡି. ଟାଟାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ନୈତିକତା ଶପଥ ପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଟାଟାର ମୂଲ୍ୟବୋଧ – ସଚ୍ଚୋଟତା, ଦାୟିତ୍ୱବୋଧ, ଉତ୍କୃଷ୍ଟତା ଏବଂ ଏକତା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି କାର୍ଯ୍ୟକ୍ରମ ଟିପିଏନ୍ ?ଓଡିଏଲ୍ ?ର ଏକ ନୈତିକ କାର୍ଯ୍ୟ ସଂସ୍କୃତି ଗଢ଼ିତୋଳିବା



ଏବଂ ସମଗ୍ର ସଂସ୍ଥାରେ ଦାୟିତ୍ୱବାନ୍ ବ୍ୟବସାୟିକ ଆଚରଣକୁ ସୁଦୃଢ଼ କରିବାର ନିରନ୍ତର ପ୍ରଚେଷ୍ଟାକୁ ପ୍ରତିଫଳିତ କରିଥିଲା ।ନିଜର ଅଭିଭାଷଣରେ, ଟିପିଏନ୍ ?ଓଡିଏଲ୍ ?ର ସିଇଓ, ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ନୈତିକତା ବିଶ୍ୱାସର ଭିତିଭୂମି ବୋଲି ପ୍ରକାଶ କରିବା ସହ ସଚ୍ଚୋଟତା, ନିରପେକ୍ଷତା ଏବଂ ସ୍ୱଚ୍ଛତା ସହିତ ବ୍ୟବସାୟ ପରିଚାଳନା କରିବା ପାଇଁ ସଂସ୍ଥାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଶ୍ରୀ ଜେ.ଆ଼ିର୍.ଡି. ଟାଟାଙ୍କ ଚିରନ୍ତନ ମୂଲ୍ୟବୋଧ ଟିପିଏନ୍ ?ଓଡିଏଲ୍ ?କୁ ଭରସାଯୋଗ୍ୟ ସେବା ଯୋଗାଇବାରେ ଏବଂ ସମସ୍ତ ଅଂଶୀଦାରମାନଙ୍କ ପାଇଁ ନିରନ୍ତର ମୂଲ୍ୟ ସୃଷ୍ଟି କରିବାରେ ପ୍ରେରଣା ଯୋଗାଉଛି । କର୍ମଚାରୀମାନେ ମିଳିତ ଭାବେ ନୈତିକତା ଶପଥ ଗ୍ରହଣ କରିବା, କାର୍ଯ୍ୟକ୍ଷେତ୍ରରେ ଟାଟା ଆଚରଣ ସଂହିତା ଏବଂ ନୈତିକ ନିୟମାବଳୀକୁ ବଜାୟ ରଖିବା ପାଇଁ ସଂକଳ୍ପ ଦୋହରାଇବା ସହ କାର୍ଯ୍ୟକ୍ରମର ଉଦ୍ ?ଯାପନ ହୋଇଥିଲା । କାର୍ଯ୍ୟସ୍ଥଳର ସଂସ୍କୃତିରେ ନୈତିକତା ଓ ସଚ୍ଚୋଟତାକୁ ଅଧିକ ସୁଦୃଢ଼ କରିବା ପାଇଁ ଟିପିଏନ୍‌ଓଡିଏଲ୍ କର୍ମଚାରୀମାନଙ୍କ ନିମନ୍ତେ କେତେକ ସଚେତନତା କାର୍ଯ୍ୟକ୍ରମ ମଧ ଯୋଜନା କରିଛି ।

## ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କଲେ ବରିଷ୍ଠ ଆଇଏଏସ୍ କେ.ସୁଦର୍ଶନ ଚକ୍ରବର୍ତୀ ଓ ରେମୁଣା ବିଧାୟକ






ବାଲେଶ୍ୱର(ନି.ପ୍ର.)ପ୍ରବଳ ବର୍ଷା ଯୋଗୁଁ ଉପୁଜିଥିବା ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ରେମୁଣା ବିଧାୟକ ବନ୍ୟା ପ୍ରଭାବିତ ବିଭିନ୍ନ ଅ*ଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି ।ବିଧାୟକ ରେମୁଣା ନିର୍ବାଚନ ମଣ୍ଡଳୀର କଲ୍ୟାଣପୁର, ଭୀମପୁରା, ଗୁଡୁଦା, ନିଜାମପୁରା ପରି ସମସ୍ତ ପ୍ରମୁଖ ବନ୍ୟା ପ୍ରଭାବିତ ଅ*ଳ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ରାଜ୍ୟ ସିଭିଲ ସପ୍ଲାଇଜ୍ କର୍ପୋରେସନର ଏମ୍ ?ଡି କେ. ସୁଦର୍ଶନ ଚକ୍ରବର୍ତୀ, ବାଲେଶ୍ୱର ପିଡି ସଞ୍ଜୟ ରାଉତ, ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌରଭ ସିଦ୍ଧାର୍ଥ ମହାପାତ୍ର, ତହସିଲଦାର ବର୍ଷା ପରିଡ଼ା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ (ଇନ୍ ?ଚାର୍ଜ) ଅମ୍ଳାନ ନାୟକ, ଅତିରିକ୍ତ ତହସିଲଦାର ମନୋଜ ମହାପାତ୍ର ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସେମାନଙ୍କ ସହ ବାଲେଶ୍ୱର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ ମଧ ଉପସ୍ଥିତ ଥିଲେ ।ପରିଦର୍ଶନ ସମୟରେ ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କର ଆବଶ୍ୟକତା ବିଷୟରେ ସମୀକ୍ଷା କରିଥିଲେ । ଏହାର ଆଶୁ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ବିଧାୟକ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରଭାବିତ ପରିବାରଙ୍କ ପାଇଁ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସହାୟତା ସାମଗ୍ରୀ ତୁରନ୍ତ ଯୋଗାଇବାକୁ ବ୍ୟବସ୍ଥା କରାଯାଇଥିଲା । ଏଥିସହ ଆବଶ୍ୟକ ସ୍ଥଳରେ ଅଧିକରୁ ଅଧିକ ଓଡ୍ରାଫ୍ (ଡଉଜଇର) ଟିମ୍ ମୁତୟନ କରିବା ପାଇଁ ମଧ ସମ୍ପୃକ୍ତ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ୨୯ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ଦାୟିତ୍ୱରେ ଥିବା ସଚିବ ତଥା ପୂର୍ବତନ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କୁ ବର୍ତମାନର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ଶୁଭେଚ୍ଛା ଜଣାଇବା ସହ ପ୍ରଶାସନିକ ସ୍ତରରେ ବନ୍ୟାର ପ୍ରତିକାର ପାଇଁ କି କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ସମୀକ୍ଷା କରାଯାଇଥିଲା ।

# ଦ୍ୱିତୀୟ ଦିବସରେ ଶିଳ୍ପ, ଶିକ୍ଷା, ପ୍ରାକ୍ତନ ଛାତ୍ର, ଅଭିଭାବକ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ବ୍ୟାପକ ଆଲୋଚନା




ବାଲେଶ୍ୱର(ନି.ପ୍ର.) ଅଂଶୀଦାରିତାମୂଳକ ପ୍ରଶାସନ ଓ ପ୍ରତିଷ୍ଠାନର ସାମଗ୍ରିକ ଉତ୍କର୍ଷକୁ ଦୃଷ୍ଟିରେ ରଖି ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ତିନିଦିନିଆ 'ରିଭିଜିଟ୍ ମିଶନ୍ ଏଫ୍ ?.ଏମ୍ ?.ୟୁ.-୨୦୨୬' ଅଂଶୀଦାର ବୈଠକର ଦ୍ୱିତୀୟ ଦିବସରେ ବିଭିନ୍ନ କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟର ଭବିଷ୍ୟତ ବିକାଶର ରୂପରେଖା ପ୍ରସ୍ତୁତି ଉଦ୍ଦେଶ୍ୟରେ ଆୟୋଜିତ ଏହି ପରାମର୍ଶମୂଳକ ବୈଠକରେ ଶିକ୍ଷାବିତ୍, ଶିଳ୍ପ ଜଗତର ପ୍ରତିନିଧି, ପ୍ରାକ୍ତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଛାତ୍ର ସମୁଦାୟ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିଜ ନିଜ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ । ଜୁଲାଇ ୨୮ ତାରିଖରେ ଆରମ୍ଭ ହୋଇଥିବା ଏହି ପରାମର୍ଶ ପ୍ରକ୍ରିୟାରେ ଗବେଷକ ଏବଂ ସ୍ନାତକୋତର ଛାତ୍ରଛାତ୍ରୀମାନେ ଶିକ୍ଷାର ଗୁଣାତ୍ମକ ଉନ୍ନତି, ଗବେଷଣା ପରିବେଶ, ଛାତ୍ର କଲ୍ୟାଣ, ନବସୃଜନ ଓ କ୍ୟାମ୍ପସ ବିକାଶ ସମ୍ପର୍କରେ ଗଠନମୂଳକ ପ୍ରସ୍ତାବ ରଖିଥିଲେ । ଦ୍ୱିତୀୟ ଦିବସରେ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୬୦ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟକ୍ଷ, ୫୭ ଜଣ ପ୍ରାକ୍ତନ ଛାତ୍ର/ଛାତ୍ରୀ, ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି, ଅଭିଭାବକ ଓ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷଙ୍କୁ ନେଇ ଚାରୋଟି ବିଷୟଭିତିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଦିନର ଅନ୍ୟତମ ଆକର୍ଷଣ ଥିଲା ଶିଳ୍ପ ପ୍ରତିନିଧିମାନଙ୍କ ସହ ପରାମର୍ଶ ବୈଠକ । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ସ୍ୱାଗତ ଭାଷଣ ଓ ବିଷୟ ଉପସ୍ଥାପନ କରିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା କହିଥିଲେ ଯେ, ପରିବର୍ତନଶୀଳ ବୈଶ୍ୱିକ ଅର୍ଥନୀତିର ଆବଶ୍ୟକତା ଅନୁରୂପ ଦକ୍ଷ ମାନବ ସମ୍ପଦ ସୃଷ୍ଟି ପାଇଁ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସୁଦୃଢ଼ ସହଯୋଗ ଅତ୍ୟନ୍ତ ଆବଶ୍ୟକ । ଉତର ଓଡ଼ିଶା ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ନୁସି), ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱରର ପ୍ରତିନିଧିମାନେ ନିଯୁକ୍ତିଯୋଗ୍ୟତା ବୃଦ୍ଧି, ନବସୃଜନର ପ୍ରୋତ୍ସାହନ, ନିୟମିତ ଶିଳ୍ପ-ଶିକ୍ଷା ପ୍ରତିଷ୍ଠାନ ସଂଳାପ, ଇଣ୍ଡଷ୍ଟ୍ରି ଆଡଭାଇଜରି ବୋର୍ଡ ଗଠନ, ଯୁଗ୍ମ ପ୍ରମାଣପତ୍ର ଓ ମୂଲ୍ୟଯୁକ୍ତ ପାଠ୍ୟକ୍ରମ, ଇଂଟର୍ନଶିପ୍, ଆପ୍ରେଂଟିସ୍ ?ସିପ୍, ଲାଇଭ୍ ପ୍ରୋଜେକ୍ଟ, ପରିଚାଳନା ବିକାଶ କାର୍ଯ୍ୟକ୍ରମ, କାର୍ଯ୍ୟନିର୍ବାହୀ ଶିକ୍ଷା, ଗବେଷଣା, ପରାମର୍ଶ ଓ ନବସୃଜନ କ୍ଷେତ୍ରରେ ସହଯୋଗ ବୃଦ୍ଧି ସମ୍ପର୍କରେ ମୂଲ୍ୟବାନ ପ୍ରସ୍ତାବ ଦେଇଥିଲେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ସହ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । କୁଳସଚିବ ଶ୍ରୀମତୀ କୁକୁମିନା ଦାସ 'ରିଭିଜିଟ୍ ମିଶନ୍ ଏଫ୍.ଏମ୍.ୟୁ -୨୦୨୬' ର ଦୃଷ୍ଟିକୋଣ, ଲକ୍ଷ୍ୟ ଓ କାର୍ଯ୍ୟନୀତି ଉପସ୍ଥାପନ କରିଥିଲେ । ପରେ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଓ ପ୍ରଫେସର ଅଶାନ୍ତ ରଞ୍ଜନ ରାଉତ ଶିକ୍ଷାର ଉତ୍କର୍ଷ, ଜାତୀୟ ଶିକ୍ଷା ନୀତି–୨୦୨୦ର କାର୍ଯ୍ୟକାରୀ ରୂପାୟନ, ପରିଣାମଭିତିକ ଶିକ୍ଷା, ନାକ୍ ମାନ୍ୟତା, ଛାତ୍ର ସଫଳତା, ଦକ୍ଷତା ବିକାଶ, ନିଯୁକ୍ତିଯୋଗ୍ୟତା, ଉଦ୍ୟୋଗିତା, ଡିଜିଟାଲ୍ ପ୍ରଶାସନ, ସ୍ୱୟମ୍ ମୁକ୍ତ ଅନଲାଇନ୍ ପାଠ୍ୟକ୍ରମ, ଅପାର୍, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍, ପରୀକ୍ଷା ସଂସ୍କାର, ଏନ୍ ?.ଆଇ.ଆ଼ର୍.ଏଫ୍. ମାନ୍ୟତା ଏବଂ ବିଶ୍ୱବିଦ୍ୟାଳୟର ଉତମ କାର୍ଯ୍ୟପଦ୍ଧତି ଉପରେ ଆଲୋକପାତ କରିଥିଲେ । ମୁକ୍ତ ଆଲୋଚନା ଅଧିବେଶନରେ ଅଧ୍ୟକ୍ଷମାନେ ଶିକ୍ଷାର ଗୁଣବତା, ପ୍ରଶାସନିକ ଦକ୍ଷତା ଓ ପ୍ରତିଷ୍ଠାନର ସାମଗ୍ରିକ ଉନ୍ନତି ସମ୍ପର୍କରେ ନିଜର ମତାମତ ରଖିଥିଲେ । ନିଜ ଅଭିଭାଷଣରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, 'ରିଭିଜିଟ୍ ମିଶନ୍ ଏଫ୍.ଏମ୍.ୟୁ.-୨୦୨୬' କୁ ସମସ୍ତ ଅଂଶୀଦାରଙ୍କ ମତାମତ ଆଧାରିତ ଏକ ଦୂରଦର୍ଶୀ କାର୍ଯ୍ୟଯୋଜନା ଭାବେ ପ୍ରସ୍ତୁତ କରାଯିବ । ଗବେଷକ, ସ୍ନାତକୋତର ଛାତ୍ର/ଛାତ୍ରୀ, ମହାବିଦ୍ୟାଳୟ ଅଧ୍ୟକ୍ଷ, ପ୍ରାକ୍ତନ ଛାତ୍ର, ଶିଳ୍ପପତି ଓ ଅଭିଭାବକଙ୍କ ପରାମର୍ଶକୁ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱର ସହ ବିଚାର କରାଯିବ, ଯାହା ଏକ ବିଶ୍ୱସ୍ତରୀୟ, ନବସୃଜନମୁଖୀ ଓ ଛାତ୍ରକେନ୍ଦ୍ରିକ ବିଶ୍ୱବିଦ୍ୟାଳୟ ଗଠନରେ ସହାୟକ ହେବ । ଦୁଇଦିନିଆ ପରାମର୍ଶ ବୈଠକ ଶେଷରେ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ, ଗବେଷଣା ଓ ନବସୃଜନର ପ୍ରୋତ୍ସାହନ, ଶିଳ୍ପ-ଶିକ୍ଷା ସହଯୋଗର ସୁଦୃଢ଼ୀକରଣ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷର ଶିଖରରେ ପହ*ାଇବା ପାଇଁ ସମସ୍ତ ଅଂଶୀଦାର ସାମୂହିକ ସଂକଳ୍ପ ବ୍ୟକ୍ତ କରିଥିଲେ ।

## ଲଘୁଚାପ ଜନିତ ଲଗାଣ ବର୍ଷା ରେ ଯଥା ଶୀଘ୍ର କ୍ଷୟକ୍ଷତିର ଆକଳନ କରି କ୍ଷତି ପୂରଣ ଦେବା ପାଇଁ ସି ପି ଆଇ (ଏମ) ର ଦାବି

ବାଲେଶ୍ୱର,(ନି.ପ୍ର.) ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ବିପ୍ରାତ ରେ ବାଲେଶ୍ୱର ଜିଲ୍ଲା ରେ ବହୁ କ୍ଷୟକ୍ଷତି ହୋଇଛି । ବହୁ ଲୋକଙ୍କ ଘରେ ପାଣି ପଶି ଆସବାବ ପତ୍ର ନଷ୍ଟ ହେବା ସହିତ ବହୁ ମାଟି ଘର ଭୁଶୁଡ଼ି ପଡ଼ିଛି । ଯାହାଦ୍ୱାରା କି ବହୁ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବହୁ ପରିବା ଚାଷ ନଷ୍ଟ ହେବା ସହିତ ଧାନ ଚାଷ ମଧ୍ଯ ନଷ୍ଟ ହୋଇଛି ।ଉକ୍ତ ବର୍ଷା ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୂଚନା ନାହିଁ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କୌଣସି ସୁରକ୍ଷା ବ୍ୟବସ୍ଥା କିମ୍ବା ପଦକ୍ଷେପ ଗ୍ରହଣ ନ କରିବାରୁ ବହୁ ଭାବେ କ୍ଷତି ର ସମ୍ମୁଖୀନ ହୋଇ ଛନ୍ତି । ବର୍ତମାନ ସୁଦ୍ଧା କିଛି ଗ୍ରାମ ଜଳବନ୍ଦୀ ରେ ଅଛି । ସରକାର ଉକ୍ତ ପରିସ୍ଥିତି କୁ ଯଥା ଶୀଘ୍ର ତଦନ୍ତ କରି କ୍ଷୟକ୍ଷତି ର ଆକଳନ କରି କ୍ଷତି ପୂରଣ ଦେବା ପାଇଁ ସି ପି ଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ଯ ବିଜୟ କୁମାର ପାତ୍ର ସରକାରଙ୍କ ଠାରେ ଦୃଢ଼ ଦାବୀ କରିଛନ୍ତି ।

# ଗୁରୁ ପୁର୍ଣିମା ପାଲିଙ୍କି ଯାତ୍ରା ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.)ଗୋପାଳ ଗାଁ ଶିରିଡି ସାଇ ମନ୍ଦିରରେ ପାଳିତ ହେଲା ଗୁରୁ ପୁର୍ଣିମା ପାଲିଙ୍କି ଯାତ୍ରାରେ ଯୋଗ ଦେଲେ ବହୁ ସାଇ ଭକ୍ତ । ବାଲେଶ୍ୱର ଗୋପାଳଗାଁ ଶିରିଡି ସାଇ ମନ୍ଦିରରେ ଗୁରୁ ପୁର୍ଣିମା ପାଳିତ ହୋଇ ଯାଇଛି !ସକାଳେ ସାଇ ବାବାଙ୍କର ପୂଜାଅର୍ଚନା ଆଳତି ପରେ ମନ୍ଦିର ପ୍ରାଙ୍ଗଣରୁ ବାବାଙ୍କର ଏକ ପାଲିଙ୍କି ଶୋଭା ଯାତ୍ରା ବାହାରିଥିଲା ଏହି ଶୋଭା ଯାତ୍ରା ମନ୍ଦିରରୁ ବାହାରି ପ୍ରଥମେ ଟାଉନ ହଲ ଛକ ଦେଇ ସୁଏଲପୁର ସ୍ଥିତ ଶିରିଡି ସାଇ ମନ୍ଦିରରେ ପୂଜା ଅର୍ଚନା ହୋଇଥିଲା ପରେ ହନୁମାନ ମନ୍ଦିର ରାସ୍ତାରେ ଯାଇ ସିନେମା ଛକ ପାଣିଟାଙ୍କି ଛକ କାଳୀମନ୍ଦିର ରାସ୍ତାରେ ପାଲିଙ୍କି ଯାତ୍ରା ଆସି ପୁଣି ମନ୍ଦିର ପାଖରେ ପହଂଚି ଥିଲା ! ଏହି ପାଲିଙ୍କି ଯାତ୍ରା ରେ ସହରର ବହୁ ସାଇ ଭକ୍ତ ଯୋଗ ଦେଇଥଲେ ! ମନ୍ଦିର ପକ୍ଷରୁ ସବୁ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ମନ୍ଦିରର ଟ୍ରଷ୍ଟି ନିରୋଧ କୁମାର ମହାନ୍ତି ଡାକ୍ତର ବିରଂଚି ନାରାୟଣ ମହାନ୍ତି ଶିରିଶ ଜେନା ପ୍ରଦୀପ ଦାସ ପ୍ରଶାନ୍ତ କୁମାର ମହାନିଙ୍କ ସମେତ ମନ୍ଦିର କମିଟିର ବହୁ ସଦସ୍ୟ ଉପସ୍ଥିତ ରହି ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ !



# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମାସିକ ସମୀକ୍ଷା ବୈଠକ

ନୟାଗଡ଼(ନିପ୍ର): ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଜଗଘଡଇଐ+ଘ (ପ୍ରଜନନ ସ୍ୱାସ୍ଥ୍ୟ, ମାତୃ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ, କିଶୋର ସ୍ୱାସ୍ଥ୍ୟ ଏବଂ ପୃଷ୍ଟି ପୋଷଣ ସ୍ୱାସ୍ଥ୍ୟ) କାର୍ଯ୍ୟକ୍ରମର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡା. ବନମାଳୀ ପ୍ରଧାନ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର କୁମାର ଭୂୟାଁ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡା. ପ୍ରସନ୍ନ କୁମାର ସାହୁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡା. ଶରତ ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ବାନାର୍ଜୀ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ କ୍ଷ ଏହି ବୈଠକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ପୋଷଣ, ଟିକାକରଣ, ଐଚଠ ଟିକାକରଣ, ଜାତୀୟ କୃମିନାଶକ ଦିବସ, ଇଗଖଇଘ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକ ଆରମ୍ଭରେ ୨୦୨୫-୨୬ ବର୍ଷ ପାଇଁ ପରିବାର କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଡାକ୍ତର, ସ୍ୱାସ୍ଥ୍ୟ ଅନୁଷ୍ଠାନ, ଗଚଐଡ(ର୍), ଇଝଐଇ, କାଉନସେଲର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ । ସେ ଏହି ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଏହିପରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଆସନ୍ତା ୧୦ ଅଗଷ୍ଟରେ ଜାତୀୟ କୃମିନାଶକ ଦିବସ ଏବଂ ୧୭ ଅଗଷ୍ଟରେ ମପ୍-ଅପ୍ ରାଉଣ୍ଡ ସଫଳ ଭାବେ ଆୟୋଜନ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖି ଶତ ପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମାତୃ ମୃତ୍ୟୁହାର ସମୀକ୍ଷା ସମୟରେ ଗର୍ଭବତୀଙ୍କ ଚିହ୍ନଟ, ନିୟମିତ ଫଲୋ-ଅପ୍, ସମୟୋପଯୁକ୍ତ ରେଫରାଲ୍, ରକ୍ତର ସହଜ ଉପଲବ୍ଧତା ଏବଂ ପ୍ରସବ ପରବର୍ତ୍ତୀ ଯତ୍ନକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଶିଶୁ ମୃତ୍ୟୁ ହାର ହ୍ରାସ ପାଇଁ ନବଜାତ ଶିଶୁ ସେବାର ଗୁଣାତ୍ମକ ମାନ ବୃଦ୍ଧି, ସଠିକ୍ ରେଫରାଲ୍ ବ୍ୟବସ୍ଥା ଓ ସମୁଦାୟ ସ୍ତରରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଐଚଠ ଟିକାକରଣରେ ଜିଲ୍ଲାର ସଫଳତା ବୃଦ୍ଧି ପାଇଁ ସମସ୍ତ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଆୟୋଜନ, ଜଇଝକ ଟିମ୍ ଓ ଯାନବାହନର ସର୍ବାଧିକ ବ୍ୟବହାର ଏବଂ ଯୋଗ୍ୟ କିଶୋରୀମାନଙ୍କୁ ଶୀଘ୍ର ଟିକାକରଣ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ରକ୍ତହୀନତା ଚିହ୍ନଟ ଓ ଚିକିତ୍ସା, ଇଘଉ ସେବା, ଉଚ୍ଚ-ଝୁମ୍ପ ଗର୍ଭବତୀଙ୍କ ପରିଚାଳନା, ଟିକାକରଣ ତଥ୍ୟର ସଠିକତା ଏବଂ ଘଛଇଝ ପ୍ରମାଣୀକରଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ବ୍ଲକ ଚିକିତ୍ସା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସକାଳ ୧୦ ଘଟିକା ସମୟରେ ଏକ ଡେଙ୍ଗୁ ସଚେତନତା ରଥ ମାନନୀୟା ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ବିପୁଳ ପରିମାଣର ଦେଶୀ ମଦ ସହ ବାଇକ ଜବତ, ଜଣେ ଗିରଫ



ସିମୁଳିଆ(ନିପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଥାନା ଅନ୍ତର୍ଗତ ବର୍ତ୍ତନା ବଜାର ଓ ରାମପୁର କେନାଲ ଛକ ନିକଟରେ ଚଢ଼ାଉ କରାଯାଇ ୧୪୦ ଲିଟର ଦେଶୀ ରନ୍ଧା ମଦ ସହିତ ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହିତ ବର୍ତ୍ତନା ଗ୍ରାମର ବିଜୟ ଦାସ ଓ ଅନ୍ଧାରି ଗ୍ରାମର ନିରଞ୍ଜନ ହେମ୍ବ୍ରମ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦ ଓ ମୋଟର ସାଇକେଲ ର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଲ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୨ ଗୋଟି ମାମଲା ରୁଜୁ କରାଯାଇଛି ।

# ଏନ୍‌ଏଚ୍‌ଏମ୍ ମିଶନ ନିର୍ଦ୍ଦେଶକଙ୍କ ଦୁଇ-ଦିନିଆ ଝାରସୁଗୁଡ଼ା ଗସ୍ତ



ଝାରସୁଗୁଡ଼ା(ନିପ୍ର): ଜିଲ୍ଲାର ନୋଡାଲ ଅଫିସର ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି. ନିଜର ଦୁଇ ଦିନିଆ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଏଚ୍-କଟାପାଲିସ୍ଥିତ ହକି ଷ୍ଟାଡିୟମ୍ ପରିଦର୍ଶନ କରିଛନ୍ତି । ସେ ଷ୍ଟାଡିୟମ୍‌ରେ ପହଂଚି ଜିଲ୍ଲାର କ୍ରୀଡ଼ା ଭିତିଭୂମି ଏବଂ ହକିର ବିକାଶ ପାଇଁ ଗ୍ରହଣ କରାଯାଇ ଥିବା ବିଭିନ୍ନ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ । ଗସ୍ତ ସମୟରେ ନବନିର୍ମିତ ଟର୍ଫ ହକି ଷ୍ଟାଡିୟମ୍ ବୁଲି ଦେଖିବା ସହ ତୃଣମୂଳ ସ୍ତରରେ ହକି ଖେଳର ପ୍ରଚାର ଓ ପ୍ରସାର ପାଇଁ 'ଝାରସୁଗୁଡ଼ା ହକି ଆସୋସିଏସନ୍' ପକ୍ଷରୁ କରାଯାଉଥିବା ପ୍ରଶଂସନୀୟ ଉଦ୍ୟମକୁ ଆନ୍ତରିକ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଓଡ଼ିଶା ହକି ଆସୋସିଏସନ୍‌ର ଉପସଭାପତି ତଥା ଝାରସୁଗୁଡ଼ା ହକି ଆସୋସିଏସନ୍‌ର ସଦସ୍ୟ ଜୀବନ ମହାନ୍ତି ନୋଡାଲ ଅଫିସରଙ୍କୁ ଜିଲ୍ଲାରେ ହକିର ଦ୍ରୁତ ଅଭିବୃଦ୍ଧି, ନିୟମିତ ଟୁର୍ନାମେଂଟ ଓ ପ୍ରଶିକ୍ଷଣ ଶିବିର ଆୟୋଜନ ଏବଂ ସ୍ଥାନୀୟ ଖେଳାଳିଙ୍କ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । ଏହାସହ ଆଗାମୀ ଦିନରେ ରାଜ୍ୟ ଓ ଜାତୀୟ ସ୍ତରର ବଡ଼ ବଡ଼ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଷ୍ଟାଡିୟମ୍‌ରେ ଦର୍ଶକ ଗ୍ୟାଲେରୀ, ୫-ଏ-ସାଇଡ୍ ଟର୍ଫ ଫିଲ୍ଡ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ମୌଳିକ ସୁବିଧା ସୁଯୋଗର ବିକାଶ ନିମନ୍ତେ ସେ ଦାବି ଉପସ୍ଥାପନ କରିଥିଲେ । ମିଶନ ନିର୍ଦ୍ଦେଶକ ହକି ଆସୋସିଏସନ୍‌ର ନିଷ୍ଠାପର ଉଦ୍ୟମରେ ସନ୍ତୋଷ ପ୍ରକାଶ କରିବା ସହ ଯୁବ କ୍ରୀଡ଼ାପ୍ରତିଭାମାନଙ୍କୁ ସାମ୍ନାକୁ ଆଣିବା ଏବଂ ଜିଲ୍ଲାର କ୍ରୀଡ଼ା ପରିବେଶକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ (ପ୍ରଭାରୀ) ବିଶକେଶନ ପଣ୍ଡା, ଜିଲ୍ଲା ପରିଷଦର ଏପିଡି ସୂର୍ଯ୍ୟାଂଶୁ ରୁଟ୍‌ଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହାସହିତ ହକି ଆସୋସିଏସନ୍‌ର ସଦସ୍ୟ ପ୍ରଜ୍ୱଳ ପଟେଲ, ଗଣେଶ ନାଏକ, କ୍ଲେମେଂଟ ରୋନାଲ୍ଡ, ଜ୍ୟୋତି ଲାଥ୍, ତପନ କୁମାର ବାରିକ ଏବଂ ଜିଲ୍ଲାର ବହୁ ବିଶିଷ୍ଟ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ ।

# ନୂତନ ଏନଏସି ଅଧ୍ୟକ୍ଷ ପଦବୀ ବିଜ୍ଞପ୍ତି: ସରକାରଙ୍କୁ ପ୍ରସ୍ତାବ ଦେଲେ ବୁଦ୍ଧିଜୀବୀ

ବୋରିଗୁମ୍ମା(ନିପ୍ର): ବୋରିଗୁମ୍ମା ନୂତନ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ପଦବୀ ଅଣ ସଂରକ୍ଷଣ କରିବା ପାଇଁ ବୋରିଗୁମ୍ମା ବୁଦ୍ଧିଜୀବି ତରଫରୁ ଜିଲ୍ଲାପାଳ ଙ୍କୁ ପ୍ରସ୍ତାବ ଦିଅଯାଇଛି ।ଆଜି ବୋରିଗୁମ୍ମା ନୂତନ ଏନଏସି ୨୦ ଜଣିଆ ବୁଦ୍ଧିଜୀବୀ ପ୍ରତିନିଧି ମଣ୍ଡଳୀ କୋରାପୁଟ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ପ୍ରସ୍ତାବିତ ପତ୍ର ଅତିରିକ୍ତ ଜିଲ୍ଲାପାଳ ତପନ ନାୟକଙ୍କୁ ପ୍ରଦାନ କରାଯାଇଛି । ପ୍ରସ୍ତାବିତ ପତ୍ରରେ ଦର୍ଶା ଯାଇଛି କି ଗତ ୨୦୦୨ ମସିହା ଠାରୁ ପଂଚାୟତ ର ସରପଂଚ, ସମିତି ସଭ୍ୟ ସମେତ ବ୍ଲକ ଅଧ୍ୟକ୍ଷ ଆସନ ସଂରକ୍ଷଣ ରହିଛି । ଯଦ୍ୱାରା ଦୀର୍ଘ ୨୫ ବର୍ଷ ହେବ ସାଧାରଣ ବର୍ଗ ଏବଂ ପଛୁଆ ବର୍ଗ ଶ୍ରେଣୀ ର ଲୋକେ ରାଜନୀତି ରେ ରୁଚି ରଖୁଥିଲେ ବି ଆସନ ସଂରକ୍ଷଣ କାରଣ ରୁ ପ୍ରତକ୍ଷ ନିର୍ବାଚନ ରେ ପ୍ରତିଦ୍ୱନ୍ଦିତା କରି ନିର୍ବାଚନ ଲଢ଼ିବାରୁ ବଂଚିତ ହେଉଛନ୍ତି । ଦୀର୍ଘ ବର୍ଷ ଧରି ଚୋରିଗୁମ୍ମା ର ବିକାଶ ପାଇଁ ଏନଏସି ମାନ୍ୟତା ପ୍ରଦାନ ପାଇଁ ବିଭିନ୍ନ ସଂଗଠନ ତରଫରୁ ବନ୍ଦ ପାଳନ, ଆନ୍ଦୋଳନ, ହୋଇଥିବା ବେଳେ ଶେଷରେ ବିଳମ୍ବ ରେ ହେଲେବି ବୋରିଗୁମ୍ମା କୁ ଏନଏସି ମାନ୍ୟତା ମିଳିଲା । ୧୪୦୦୦ ଜନ ସଂଖ୍ୟା ବିଶିଷ୍ଟ ବୋରିଗୁମ୍ମା ନୂତନ ଏନଏସିକୁ ୱାର୍ଡ ପୁନର୍ଗଠନ କରାଯାଇ ୧୪ ଗୋଟି ୱାର୍ଡ ରେ ବିଭକ୍ତ ସହ ସେମାନଙ୍କ ଆସନ ସଂରକ୍ଷଣ ରହିଛି । କିନ୍ତୁ ଚଳିତ ଜୁଲାଇ ମାସ ୧୫ ତାରିଖ ଦିନ ବୋରିଗୁମ୍ମା ଏନଏସି ଅଧ୍ୟକ୍ଷ ପଦବୀ ଆଦିବାସୀ ମହିଳା ଙ୍କ ପାଇଁ ସଂରକ୍ଷଣ ନେଇ ସରକାରୀ ସ୍ତରରେ ବିଜ୍ଞପ୍ତି ପ୍ରକାଶ ପାଇଛି । ସରକାର ଙ୍କ ଏହି ବିଜ୍ଞପ୍ତି ବୋରିଗୁମ୍ମା ର ବିଭିନ୍ନ ସଂଗଠନ କୁ ଚକିତ କରିଛି । ବୋରିଗୁମ୍ମା ନୂତନ ଏନଏସି ର ଜନସଂଖ୍ୟା ତାଲିକା ରେ ସାଧାରଣ ବର୍ଗ ର ଲୋକଙ୍କ ସଂଖ୍ୟା ଅଧିକ ରହିଛି । ବୋରିଗୁମ୍ମା ନୂତନ ଏନଏସି ରେ ପ୍ରଥମ ନିର୍ବାଚନ ହେବାକୁ ଥିବା ବେଳେ ଏନଏସି ଅଧ୍ୟକ୍ଷ ପଦ କୁ ସଂରକ୍ଷଣ ବଦଳ ରେ ଅଣସଂରକ୍ଷଣ କରିବା ପାଇଁ ସରକାର ଙ୍କୁ ନିବେଦନ କରାଯାଉଛି । ଏହା ର ସବିଶେଷ ନକଲ ନଗର ଉନ୍ନୟନ ମନ୍ତ୍ରୀ ଓଡିଶା, ଗବଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ସାଂସଦ, ସପ୍ତଗିରି ଉଲୁକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀ ପତି ଏବଂ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଙ୍କୁ ମେଲ ଯୋଗେ ପ୍ରେରଣ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଙ୍କୁ ପ୍ରସ୍ତାବ ପତ୍ର ପ୍ରଦାନ ସମୟରେ ପ୍ରେସ କ୍ଲବ ବୋରିଗୁମ୍ମା ସଭାପତି ବିଜୟ ନାରାୟଣ ସାହୁ, ରଞ୍ଜନ କୁମାର ମିଶ୍ର, କେ. ସାକିଲି ଦୋରା, ଏନ ପିମ୍ପସ କୁମାର, ସୁଶୀଳ ଷଡଙ୍ଗୀ, ଦୟାନିଧି ପଟ୍ଟନାୟକ, ସୁଶାନ୍ତ କୁମାର ପଣ୍ଡା, କାଳୀପ୍ରସାଦ ପଣ୍ଡା, ବାପି ହୋତା, ସୁକାନ୍ତ କୁମାର ମାଝୀ, ମାନସ ହୋତା, ଗୋପାଳ ଡଙ୍ଗରି, କେ.ଗିରିବାବୁ ପ୍ରମୁଖ ଉପସ୍ତିତଥିଲେ । ଏହି ପ୍ରତାବିତ ପତ୍ର ଙ୍କୁ ସରକାରଙ୍କୁ ପ୍ରେରଣ କରିଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି ।



# ନଳ କୂପ କାମ ଅଧାପନ୍ତରିଆ: ପ୍ରତିକାର ନାହିଁ

ଲଙ୍ଗଳେଶ୍ୱର(ନିପ୍ର): ତିନି ମାସ ପରେ ବି ଏକ ନଳ କୂପ କାମ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କି ଠିକାଦାର କାହାର କୌଣସି ଉତର ନାହିଁ । ସୂଚନାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟୀ ପଂଚାୟତ ଅନ୍ତର୍ଗତ ବାଲିକୁଟୀ ଗ୍ରାମ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଇବା ପାଣି ପାଇଁ ତିନି ମାସ ତଳେ ଏକ ନଳକୂପ ଟ୍ୟୁବୱେଲ୍ ବୋରିଂ କରାଯାଇଥିଲା । ଏବେ ଟ୍ୟୁବୱେଲ୍ ଫିଟିଂ କାମ ସରିଥିଲେ ମଧ ପିଣ୍ଡି ନିର୍ମାଣ ଓ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇନାହିଁ । ଟ୍ୟୁବୱେଲ ପାଇଁ କେତେ ଟଙ୍କା ବ୍ୟୟ ବରାଦ ହୋଇଛି ତାହା ମଧ ଜାଣି ହେଉ ନାହିଁ । କୌଣସି ସୂଚନା ଫଳକ ମଧ ନାହିଁ । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲା ସୁତୁରାରେ ଏହି କାମଟି କରାଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନଳ କୂପଟି ଅଦ୍ୟାବଧି କାର୍ଯ୍ୟକ୍ଷମ ନ ହେବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୁରକ୍ଷିତ ଭାବେ ପାଣି ବ୍ୟବହାର କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକେ ଓ ଅଭିଭାବକମାନେ କାମର ଏକ ତଦନ୍ତ ଦାବି କରିବା ସହିତ ଶୀଘ୍ର କାମ ସମ୍ପୂର୍ଣ୍ଣ କରି ଛାତ୍ରଛାତ୍ରୀଙ୍କ ପାଇଁ ପିଇବା ପାଣିର ସୁବିଧା ଉପଲବ୍ଧ କରାଇବାକୁ ମଧ ଦାବି କରିଛନ୍ତି ।

# ଟ୍ରେନ୍ ଦୁର୍ଘଟଣାରେ ଦୁଇ ଗୋଡ଼ ହରାଇଲେ ଯୁବକ

ନୂଆପଡ଼ା(ନିପ୍ର): ନୂଆପଡ଼ା ସୀମାନ୍ତ ଛତିଶଗର ରାୟପୁର ଠାରେ ଟ୍ରେନ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବଙ୍ଗୋମୁଣ୍ଡା ବ୍ଲକ ଶ୍ରୀରାମ ଗ୍ରାମର ଜଣେ ଯୁବକଙ୍କ ଦୁଇ ଗୋଡ ଆଣ୍ଠୁ ତଳୁ କଟା ଯାଇଛି । ଗରିବ ପରିବାର ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି । ସୂଚନା ଅନୁସାରେ, ବଲାଙ୍ଗୀର ଜିଲ୍ଲା ସିନ୍ଦେକେଲା ଥାନା ଅନ୍ତର୍ଗତ ଦେବନାଥ ଦାଶ, ଯିଏକି ଖଡ଼ିଆଲ ବ୍ଲକ ଖାସବାହାଲ ଗ୍ରାମର ମନ୍ଦିର ପୂଜକ ତାଙ୍କ ପୁଅ ବିକାଶ ଦାଶ ଗତକାଲି କିଛି ସାଙ୍ଗଙ୍କ ସହ ମୁମ୍ବାଇ ଦାଦନ ଖଟିବାକୁ ଯାଉଥିଲେ । କ[ାବାଞ୍ଜିରେ ଲୋକମାନ୍ୟ ତିଲକ ଟ୍ରେନରେ ବସିଥିଲେ । ରାୟପୁରରୁ ଦୁଇ ତିନି କିଲୋମିଟର ଦୂରରେ ଏକ ସ୍ଥାନରେ ସେ ଖସି ପଡିବାରୁ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି । ତାଙ୍କର ଦୁଇ ଗୋଡ଼ ଆଣ୍ଠୁ ତଳକୁ କାଟିବାକୁ ପଡ଼ିଛି । ସେ ଅତ୍ୟନ୍ତ ଗରିବ ପରିବାର ହୋଇଥିବାବେଳେ ତାଙ୍କ ପାଖରେ ଆୟୁଷ୍ମାନ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ କାର୍ଡ ମଧ୍ୟ ନାହିଁ । ଦୀର୍ଘ ଦିନର ଚିକିତ୍ସା ଓ କୃତ୍ରିମ । ଗୋଡ ଗୋଡ । ଲଗାଇବା ପାଇଁ ପ୍ରାୟ ଲକ୍ଷାଧିକ ଟଙ୍କା ଆବଶ୍ୟକ । ତେଣୁ ସରକାରୀ ସହାୟେତା ସହ ସହୃଦୟ ବ୍ୟକ୍ତିମାନଙ୍କ ସହଯୋଗ ଲୋଡ଼ିଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ବିକାଶଙ୍କ ଚିକିତ୍ସା ପାଇଁ ସହାୟତା କରିବାକୁ ଚାହୁଁଥାନ୍ତି ତେବେ ଫୋନ ପେ' ନମ୍ବର ୯୮୬୧ ୧୧୬୩୪୮୯ ରେ ସହଯୋଗ କରିପାରିବେ ବୋଲି ପରିବାର ଲୋକେ ନିବେଦନ କରିଛନ୍ତି ।

# ଅବୈତନିକ ଲେଫ୍ଟନାଂଟ ପଦବୀ ସମ୍ମାନ

ବ୍ରହ୍ମପୁର(ନିପ୍ର): ଶିକ୍ଷାଦାନ ସହ ଦେଶ ସେବାର ଆଦର୍ଶକୁ ଜୀବନରେ ସାକାର କରିଥିବା ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ଓ ଏନ.ବି. ଭାସ୍କରଆମାଙ୍କୁ ଜାତୀୟ କ୍ୟାଡେଟ୍ କୋର୍ପ୍ସ (ଏନସିସି) କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ସେବା, ଦକ୍ଷ ନେତୃତ୍ୱ ଓ ପ୍ରଶିକ୍ଷଣ ପାଇଁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ପକ୍ଷରୁ ଅବୈତନିକ ଲେଫ୍ଟନାଂଟ ପଦବୀରେ ସମ୍ମାନିତ କରାଯାଇଛି । ଏହି ସମ୍ମାନ ସେମାନଙ୍କର ନିଷ୍ଠା, ଶୃଙ୍ଖଳା, କର୍ତବ୍ୟ ପରାୟଣତା ଓ ଦେଶ ପ୍ରତି ସମର୍ପଣର ଏକ ଉଚ୍ଚ ସ୍ୱୀକୃତି ବୋଲି ମନେ କରାଯାଉଛି । ସୂଚନା ଅନୁଯାୟୀ, ୧୯୯୧ ମସିହାରେ ଗଞ୍ଜାମ ସ୍ଥିତ ଭାରତୀୟ ବିଦ୍ୟାପୀଠରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ସାହୁ ବିଭିନ୍ନ ବିଦ୍ୟାଳୟରେ ଦକ୍ଷ ଶିକ୍ଷୟିତ୍ରୀ, ସଫଳ ପ୍ରଶିକ୍ଷକ ଓ ଶୃଙ୍ଖଳା ପରାୟଣ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଥିଲେ । ପରେ ସେ ବ୍ରହ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ୧୯୯୮ ମସିହାରେ ଏନସିସି ପ୍ରଶିକ୍ଷକ ଭାବେ ଯୋଗଦେବା ପରେ ଏବଂ ୨୦୦୦ ମସିହାରେ ଏସୋସିଏଟ ଏନସିସି ଅଫିସର (ଏଏନଓ) ଭାବେ ଦାୟିତ୍ୱ ଗ୍ରହଣ କରି ସେ ଶତାଧିକ କ୍ୟାଡେଟ୍‌ଙ୍କୁ ଶୃଙ୍ଖଳା, ନେତୃତ୍ୱ, ଦେଶପ୍ରେମ ଓ ସମାଜ ସେବାର ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ତାଙ୍କ ନେତୃତ୍ୱରେ ଅନେକ କ୍ୟାଡେଟ୍ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ଶିବିରରେ ସଫଳତା ହାସଲ କରିଛନ୍ତି । ସିକ୍କିମ ଓ ରାଜସ୍ଥାନରେ ଟ୍ରେକିଂ, ଗ୍ୱାଲିଅରରେ ରକ୍ କ୍ଲାଇମ୍ବିଂ, ଚିଲିକାରେ ୟାଚିଂ, ବେଙ୍ଗାଲୁରୁରେ ଏୟାର ଫୋର୍ସ ଶିବିର ସମେତ ଦିଲ୍ଲୀ, ମୁମ୍ବାଇ ଆଦି ସ୍ଥାନରେ ଆୟୋଜିତ ବିଭିନ୍ନ ଏନସିସି କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇ ସେ ନିଜର ଦକ୍ଷତା ଓ ନେତୃତ୍ୱର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ରାଷ୍ଟ୍ରପତିଙ୍କ ପକ୍ଷରୁ ମିଳିଥିବା ଏହି ସମ୍ମାନ ପ୍ରତିକ୍ରିୟାରେ ଶ୍ରୀମତୀ ଲକ୍ଷ୍ମୀ ସାହୁ କହିଛନ୍ତି, 'ଏହି ସମ୍ମାନ କେବଳ ମୋର ନୁହେଁ; ଏହା ମୋ ସହ କାମ କରିଥିବା ସହକର୍ମୀ, ମୋର ଛାତ୍ରଛାତ୍ରୀ ଏବଂ ଏନସିସି ପରିବାରର ସାମୂହିକ ସଫଳତା । ଶିକ୍ଷକ ଜୀବନରେ ମୁଁ ସବୁବେଳେ ଛାତ୍ରଛାତ୍ରୀଙ୍କ ମନରେ ଦେଶପ୍ରେମ, ଶୃଙ୍ଖଳା, ସେବାଭାବ ଓ ନେତୃତ୍ୱ ଗୁଣର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇଆସିଛି । ରାଷ୍ଟ୍ରପତିଙ୍କ ଏହି ସ୍ୱୀକୃତି ମୋତେ ଆହୁରି ସମାଜ ଓ ଯୁବପିଢ଼ି ପାଇଁ କାର୍ଯ୍ୟ କରିବାର ପ୍ରେରଣା ଦେଇଛି । ଆଗାମୀ ଦିନରେ ମଧ ଦେଶସେବା ଓ ଯୁବ ସମାଜର ଚରିତ୍ର ଗଠନ ଦିଗରେ ମୋର ପ୍ରୟାସ ଅବ୍ୟାହତ ରହିବ' । ରାଷ୍ଟ୍ରପତିଙ୍କ ଏହି ସମ୍ମାନ ଲାଭ ପରେ ଶ୍ରୀମତୀ ସାହୁଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ଏନସିସି ମହଲ, ସହକର୍ମୀ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବର୍ଗଙ୍କ ପକ୍ଷରୁ ଅଭିନନ୍ଦନର ସୁଅ ଛୁଟିଛି । ତାଙ୍କର ଏହି ସଫଳତା ବ୍ରହ୍ମପୁର ସହ ସମଗ୍ର ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି ।




# ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା

ରାୟଗଡା(ନିପ୍ର): ରାୟଗଡା ଟ୍ରକ ମାଲିକ ଆସୋସିଏସନ ତରଫରୁ ଦିଆଯାଇଥିବା ଏତଲା ଯାହାକି ରାୟଗଡ଼ା ସଦର ଥାନାର ଏକ ଅର୍ଥ ହେରଫେର ମାମଲାରେ ଅଗ୍ରୀମ ଜାମିନ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଆବେଦନକାରୀ ଭାସ୍କର ରାଓଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଗିରଫ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାୟଗଡ଼ା ଥାନା କେସ୍ ନମ୍ବର ୨୫୫/୨୦୨୬ ଆଧାରିତ ଜି.ଆର. କେସ୍ ନମ୍ବର ୫୫୧/୨୦୨୬ ରେ ବି.ମନ୍ମଥ ରାଓ ଓ



ଅନ୍ୟମାନେ ହାଇକୋର୍ଟ ରେ ଅଗ୍ରୀମ ଜାମିନ ପାଇଁ ଆବେଦନ କରିଥିଲେ । ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ଅଭିଯୋଗକାରୀଙ୍କୁ ବିପକ୍ଷ ପକ୍ଷ ଭାବେ ସାମିଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ଓକିଲଙ୍କୁ ମାମଲାର କେସ୍ ଡାଏରୀ ପରବର୍ତ୍ତୀ ଶୁଣାଣି ବେଳେ ଉପସ୍ଥାପନ କରିବାକୁ କୁହାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୧ ଅଗଷ୍ଟରେ ହେବ । ସେ ପର୍ଯ୍ୟନ୍ତ ଆବେଦନକାରୀ ମାନଙ୍କୁ ଏହି ମାମଲାରେ ଗିରଫ ନ କରିବାକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ତେବେ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଆବେଦନକାରୀଙ୍କୁ କୋର୍ଟ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଏନ୍ ଭାସ୍କର ରାଓଙ୍କ ପ୍ରତିକ୍ରୀୟା ମିଳିପାରିନାହିଁ ।











ସମସ୍ତଙ୍କୁ ସମ୍ମାନ କରୁଥିବା ଲୋକଟି ସଫଳତା ପାଇବା ପାଇଁ ଏତେଟା ବ୍ୟଗ୍ର ହୋଇନଥାଏ ବୋଲି ବିଜ୍ଞବ୍ୟକ୍ତିଙ୍କ ମତ ।

# ଆଜିକାଲି



ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯ୍ୟୋଧନସ୍ତଦା ।
ଆଚାର୍ଯ୍ୟମୁପସଂଗମ୍ୟ ରାଜା ବଚନମବ୍ରବୀତ୍ ॥
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ସଂଜୟ କହିଲେ, ହେ ମହିମା! ସେହି ସମୟରେ ରାଜା ଦୁର୍ଯ୍ୟୋଧନ ଦେଖିଲେ ଯେ, ପାଣ୍ଡବସୈନ୍ୟମାନେ ବ୍ୟୂହ ରଚନା କରି ଛିଡ଼ା ହୋଇଛନ୍ତି । ତା' ପରେ ସେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ ଏହି କଥା କହିଲେ ।

## ଶ୍ରାବଣରେ ଅଘଟଣ ଘଟୁଛି

ସାଧାରଣତଃ ପ୍ରତିବର୍ଷ ଶ୍ରାବଣ ସୋମବାର ଦିନ କାଉଡ଼ିଆ ମାନେ ସେମାନଙ୍କ ଇଚ୍ଛା ପୂରଣ ପାଇଁ ବିଭିନ୍ନ ନଦୀରୁ ପାଣି ଭାର ଦେଇ ଶୈବପୀଠ ମାନଙ୍କୁ ଯାତ୍ରା କରିଥାନ୍ତି । କାଉଡ଼ିଆ ମାନଙ୍କ ଶୈବପୀଠକୁ ପାଣି ନେଇ ଯିବା ବେଳେ ବିଭିନ୍ନ ସ୍ଥାନରେ ଅଘଟଣ ଘଟି ପ୍ରାୟ ପ୍ରତିବର୍ଷ ଯାତ୍ରା ବେଳେ ମୃତ୍ୟୁବରଣ କରୁଥିବା ନଜରକୁ ଆସୁଛି । ୫୦ ବର୍ଷ ପୂର୍ବରୁ କାଉଡ଼ିଆଙ୍କ ସଂଖ୍ୟା ସେତେ ଭିଡ଼ ହେବାର ଲକ୍ଷ୍ୟ କରାଯାଉ ନଥିଲା । କିଛି ବର୍ଷ ଧରି ସାରା ରାଜ୍ୟରେ କାଉଡ଼ିଆ ମାନଙ୍କ ଭିଡ଼ ଅସମ୍ଭବ ହେଉଛି । ଫଳରେ କାଉଡ଼ିଆ ମାନେ ରାସ୍ତାରେ ଚାଲିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସୋମବାର ପୂର୍ବଦିନ ରାଜ୍ୟର ବିଭିନ୍ନ ନଦୀରୁ ପାଣି ନେଇ ଶୈବପୀଠ ମାନଙ୍କୁ ଯାଉଛନ୍ତି । ବିଶେଷ କରି ଲିଙ୍ଗରାଜ, ଶ୍ରୀଲୋକନାଥ, କପିଳାସ ସମେତ ଦକ୍ଷିଣ ଓଡିଶାର ଶୈବପୀଠ ମାନଙ୍କୁ ଲକ୍ଷଲକ୍ଷ କାଉନିଆ ପାଣିଭାର ନେଇ ଲମ୍ୱାଧାଡ଼ିରେ ଘଂଟା ଘଂଟା ଧରି ଅପେକ୍ଷା କରି ଶିବଙ୍କ ଉପରେ ପାଣି ଢ଼ାଳୁଛନ୍ତି । ବିଶେଷ କରି କଟକର ଗଡ଼ଗଡ଼ିଆ ଘାଟରେ ସୋମବାର ପୂର୍ବଦିନ ମହାନଦୀରୁ ପାଣି ଆଣିବା ପାଇଁ ହଜାର ହଜାର କାଉଡ଼ିଆ ଜମା ହୋଇଥାନ୍ତି । ଏହି ଭିଡ଼ରେ ନଦୀରେ ବୁଡ଼ି ଯାଇ କାଉଡ଼ିଆଙ୍କର ମୃତ୍ୟୁ ହେଉଥିବାର ମଧ୍ୟ ନଜୀର ରହିଛି । ଚଳିତ ବର୍ଷ ଦ୍ୱିତୀୟ ସୋମବାରରେ କେତେକ ସ୍ଥାନରେ ଅଘଟଣ ଘଟି ୨ ଜଣ କାଉଡ଼ିଆ ମୃତ୍ୟୁବରଣ କରିଥିବା ବେଳେ କେତେକ ଆହତ ହୋଇଛନ୍ତି । ଯାହା ସୂଚନା ମିଳୁଛି ବୈତରଣୀ ନଦୀରେ ବୁଡ଼ି ଜଣେ କାଉଡ଼ିଆ ମୃତ୍ୟୁବରଣ କରିଥିବା ବେଳେ ମହାନଦୀରେ ୨ ଜଣ କାଉଡ଼ିଆ ନଦୀସ୍ରୋତରେ ଭାସି ଯାଇଥିଲେ । ଜଣକୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ଅଛନ୍ତି । ସେହିଭଳି କଟକ, କେନ୍ଦ୍ରାପଡ଼ା ରାସ୍ତାରେ କାଉଡ଼ିଆଙ୍କ ଶୋଭାଯାତ୍ରା ବେଳେ ଏକ କାର ମାଡ଼ିଯିବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଏହି ରାସ୍ତାରେ ଅଘଟଣ ଘଟିବା ପରେ ରାସ୍ତାକୁ ଅବରୋଧ କରାଯାଇଥିଲା । ପରେ ଅବଶ୍ୟ ଯାତାୟତର ସୁବିଧା ହୋଇଥିଲା । ଏଠାରେ ପ୍ରଶ୍ନ ଉଠୁଛି କାଉଡ଼ିଆଙ୍କ ପାଇଁ ଯଦି ନଦୀକୂଳରେ ପୋଲିସ ଓ ଅଗ୍ନିସେବା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଏ ତେବେ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ ଏବଂ ନିଖୋଜ ହେଉଥିବା ବିଷୟରେ ସୂଚନା ମିଳି ପାରିବ । ପ୍ରତିବର୍ଷ ଏଭଳି ଅଘଟଣ ଘଟି ଚାଲିଛି । ଏହା ସତ୍ତ୍ୱେ ଅଘଟଣ କମୁନାହିଁ । ଆହୁରି ଦୁଇ ସୋମବାର କାଉଡ଼ିଆଙ୍କ ଯାତ୍ରା ରହିଛି । ଏହି ଦୃଷ୍ଟିରୁ ପୁଣି ଯେଭଳି ଅଘଟଣ ସୃଷ୍ଟି ନ ହୁଏ ସେଥିପାଇଁ ଜିଲ୍ଲା ପ୍ରଶାସନମାନେ ଏବେଠୁ ସଜାଗ ରହିବା ଉଚିତ ।

## ହିନା ପତ୍ର ଏକ ପ୍ରାକୃତିକ କଣ୍ଡିସନର୍

- ହିନା ପତ୍ର ଏକ ପ୍ରାକୃତିକ କଣ୍ଡିସନର । ଏହାକୁ ଉଭୟ ତୈଳାକ୍ତ ତଥା ଶୁଷ୍କ କେଶ ପାଇଁ ବ୍ୟବହାର କରିବେ । ତୈଳାକ୍ତ କେଶ ପାଇଁ ୧ ଚାମଚ ହିନା ଗୁଣ୍ଡ, ୨ ଚାମଚ ଦହି ଏବଂ ଅଧା ଚାମଚ ଚିନି ମିଶାଇ ଘୋଳ ତିଆରି କରି କେଶରେ ଲଗାନ୍ତୁ । ଶୁଖିଗଲେ ଧୋଇଦେବେ । ଶୁଷ୍କ କେଶ ଥିଲେ ୧ ଚାମଚ ହିନା ଗୁଣ୍ଡକୁ ୧ ଚାମଚ ନଡ଼ିଆ ତେଲ ଓ ପର୍ଯ୍ୟାପ୍ତ ପରିମାଣରେ କସଙ୍ଗା କ୍ଷୀର ମିଶାଇ ଲଗାଇପାରିବେ । ହିନା କଣ୍ଡିନର୍ ଦ୍ୱାରା କେଶ କଳା ହେବା ସହ ମଜ୍‌ଭୁତ ହୁଏ ।
- ସମ ପରିମାଣର ଚଡ଼ାତେଲ, ସିର୍କା, ଗ୍ଲିସେରିନ୍, ଅଲିଭ୍ ତେଲ ଓ ସାମ୍ପୁ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାକୁ କେଶରେ ଲଗାଇ ୨୦ ମିନିଟ୍ ପରେ ଧୋଇଦିଅନ୍ତୁ । ଏହା ଦ୍ୱାରା କେଶ ମସୃଣ ହୁଏ ଓ ସୁନ୍ଦର ଦିଶେ ।
- ଗୋଟିଏ ବଡ଼ ପିଆଜରୁ ରସ କାଢ଼ି ଅଳ୍ପ ବନ୍ଧାକୋବି ରସ ମିଶାଇ ଏକ ତମ୍ବା ପାତ୍ରରେ ସାରା ରାତି ରଖନ୍ତୁ । ସକାଳେ କେଶରେ ଲଗାଇ
- ଧୋଇଦିଅନ୍ତୁ । ଏହା ଦ୍ୱାରା କେଶ ଝଡ଼ିବା ବନ୍ଦ ହୁଏ ।
- ଚା' ଗୁଣ୍ଡକୁ ମଧ୍ୟ କଣ୍ଡିନର୍ ଭାବେ ବ୍ୟବହାର କରିପାରିବେ । ୧ ଚାମଚ୍ ଚାହା ଗୁଣ୍ଡକୁ ଅଳ୍ପ ପାଣିରେ ଫୁଟାଇ ଛାଣି ଦିଅନ୍ତୁ । ସାମ୍ପୁ କରିସାରିବା ପରେ ଚା' ପାଣିରେ କେଶ ମୂଳକୁ ମାଲିସ କରି ଅଳ୍ପ ସମୟ ପରେ ଧୋଇ ଦିଅନ୍ତୁ ।

## ଭକ୍ତ ସଖା ଭଗବାନ

◆ ଇଂ.ସଚ୍ଚିଦାନନ୍ଦ ନନ୍ଦ

ଦେଶରୁ ନିର୍ବାସିତ ହେବା ପରେ ପାଣ୍ଡବମାନେ ଥରେ ଲୋମଶ ରଷିଙ୍କ ବନରେ ପ୍ରବେଶ କରିଥିଲେ । ଲୋମଶ ରଷିଙ୍କ ଦେହରେ ଏତେ ଲୋମ ଥିଲା ଯେ ତାହା ଗାଲିଚା ପରି ବନ ମଧ୍ୟରେ ବିଛେଇ ହୋଇ ରହିଥିଲା । ସେହି ବନରେ ଗୋଟିଏ ବିଶେଷ ପ୍ରକାରର ଗଛ ଥିଲା ଯେଉଁଥିରେ ଏକ ବିଶେଷ ପ୍ରକାର ଫଳ ଫଳୁଥିଲା । ସେ ଫଳର ବୈଶିଷ୍ଟ୍ୟ ଏହି ଯେ ତାକୁ ଥରେ ଖାଇଲେ ବର୍ଷ ବର୍ଷ ଧରି ଆଉ ଭୋଗ ହେବନାହିଁ । କିନ୍ତୁ ସେ ଫଳକୁ ତୋଳିବାକୁ ହେବ ନାହିଁ, ତାହା ଆପେ ଝଡ଼ିଲେ ଖାଇବାକୁ ହୁଏ । ତେଣୁ ସେହି ଫଳକୁ ଅପେକ୍ଷା କରି ଲୋମଶ ରଷି ସେଠାରେ ତପସ୍ୟା କରୁଥାନ୍ତି । ଦିନେ ଧର୍ମରାଜ ଓ ଦ୍ରୌପଦୀ ଏହି ଗଛ ପାଖେ ବୁଲୁ ବୁଲୁ, ତାହାର ସୁନ୍ଦର ଆକର୍ଷଣୀୟ ଫଳଟିଏ ଦ୍ରୌପଦୀଙ୍କ ଆଖିରେ ପଡ଼ିଲା । ସେ କହିଲେ, 'ସ୍ୱାମୀ, ଏ ଫଳଟିକୁ ତୋଳି ନେଲେ ଆଜି ଆମେ ସମସ୍ତେ ବାଂଟି ଖାଆନ୍ତେ ।' ତାପରେ ଧର୍ମରାଜ ତୀର ମାରି ଫଳଟିକୁ ଖସାଇଲେ । ଧନୁକୁ ଡାହାଣ ହାତରେ ଧରି ବାମ ହାତରେ ସେ ଫଳଟିକୁ ଉଠାଇବାକୁ ଚେଷ୍ଟା କଲେ । କିନ୍ତୁ ଫଳଟି ଏତେ ଓଜନିଆ ଥିଲା ଯେ ସେ ଏକା ତାକୁ ଉଠାଇ ପାରିଲେ ନାହିଁ । ଦ୍ରୌପଦୀ ମଧ୍ୟ ସାହାଯ୍ୟ କରିବାକୁ ଚେଷ୍ଟା କଲେ । ଧର୍ମରାଜ ଏଥର ଦୁଇ ହାତ ଲଗାଇବା ସତ୍ତ୍ୱେ ବି ଫଳଟି ଉଠିଲା ନାହିଁ । ଏହି ସମୟରେ ଅର୍ଜୁନ ସେଠାରେ ପହଂଚିଲେ । ତିନି ଜଣ ଲାଗିଲେ ମଧ୍ୟ ଫଳଟି ଉଠିଲା ନାହିଁ । ସାନ ଭାଇ ଦୁହେଁ ମଧ୍ୟ ପରେ ପରେ ଆସି ପହଂଚିଲେ ଓ ଫଳ ଉଠାଇବାକୁ ଚେଷ୍ଟା କଲେ । ସମସ୍ତେ ମିଶି ଯେତେ ଚେଷ୍ଟା କଲେ ମଧ୍ୟ ଫଳ ଉଠିଲା ନାହିଁ । ଶେଷରେ ଭୀମ ଆସି ପହଂଚି ସମସ୍ତଙ୍କୁ ଘୁଂଚି ଯିବାକୁ କହିଲେ, କିନ୍ତୁ ସେ ମଧ୍ୟ ପାରିଲେ ନାହିଁ, ସମସ୍ତେ ମିଶି ମଧ୍ୟ ବିଫଳ ହେଲେ । ଏହି ସମୟରେ ସେ ଅଂଚଳରେ ବ୍ୟାପୀ ରହିଥିବା ଲୋମଶ ରଷିଙ୍କ ଲୋମ ସବୁ ହଲିବାକୁ ଲାଗିଲା । ଏ ଛଅ ଜଣ ଯାକ ମିଶି ଫଳଟିକୁ ଉଠାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କ ଲୋମ ଭିଡ଼ି ହୋଇଯାଉ ଥିବାରୁ ତାଙ୍କ ଶାନ୍ତି ଭଙ୍ଗ ହେଲା । ସେ ଜାଣି ପାରିଲେ ଯେ କେହି ଆସି ଫଳଟିକୁ ଚୋରି କରିବାକୁ



ବସିଛି । ସେ ସଙ୍ଗେ ସଙ୍ଗେ କ୍ରୋଧାନ୍ୱିତ ହେଲେ । ହଠାତ୍ ତାଙ୍କ ଲୋମ ଗୁଡ଼ିକ ଆସି ପାଣ୍ଡବମାନଙ୍କୁ ବାନ୍ଧିବାକୁ ବସିଲା । ଦ୍ରୌପଦୀ ବିପଦ ଆଶଙ୍କା କରି ତତ୍‌କ୍ଷଣାତ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ । ସେ ଯେତେବେଳେ ବିପଦରେ ପଡ଼ନ୍ତି କୃଷ୍ଣଙ୍କୁ ଡାକନ୍ତି । କୃଷ୍ଣ ତାଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ । ଦ୍ରୌପଦୀ ତାଙ୍କ ପାଦତଳେ ପଡ଼ି ପାଣ୍ଡବମାନଙ୍କୁ ଏହି ବିପଦରୁ ଉଦ୍ଧାର କରିବାକୁ ପ୍ରାର୍ଥନା କଲେ । ଲୋମଶ ରଷି ଜଣେ ମହାନ ସାଧକ ହୋଇଥିବାରୁ ଏ ବାବଦରେ ସେ କିଛି କରି ପାରିବେ ନାହିଁ ବୋଲି ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ଆଗରେ ନିଜର ଅସାମର୍ଥ୍ୟ ପ୍ରକାଶ କଲେ । ଭଗବାନ ଭାବରେ ଲୋମଶ ରଷିଙ୍କ ସମେତ ସବୁ ରଷିଙ୍କ ହୃଦୟରେ ସେ ଅଛନ୍ତି । ତେଣୁ ସେ କିପରି ରଷିଙ୍କ ଇଚ୍ଛା ବିରୁଦ୍ଧ କାମ କରିବେ ? କିନ୍ତୁ ଦ୍ରୌପଦୀ ନ ଛାଡ଼ିବା ଲୋକ । ସେ କୃଷ୍ଣଙ୍କ ପାଦକୁ ଜାବୁଡ଼ି ଧରି କହିଲେ, 'ତୁମେ ହିଁ କେବଳ ଆମକୁ ରକ୍ଷା କରି ପାରିବ । ତିନି ଭୁବନ ଭିତରେ ତୁମେ ଯାହା ଇଛା ତାହା କରିପାରିବ । ଆମକୁ ଏ ସଂକଟରୁ ଉଦ୍ଧାର କର ।' ଏଥର ଶ୍ରୀକୃଷ୍ଣ କହିଲେ, 'ଆଚ୍ଛା, ଠିକ୍ ଅଛି ! ମୁଁ ତୁମକୁ ସାହାଯ୍ୟ କରିବି, କିନ୍ତୁ ତୁମେ ସମସ୍ତେ ସମ୍ପୂର୍ଣ୍ଣ ନୀରବ ରହିବ । ପଦେ ବି କଥା କହିବ ନାହିଁ । କୌଣସି ପ୍ରକାର ସଂଶୟ ଦ୍ୱିଧା କରିବ ନାହିଁ । ମୁଁ ଯାହା କହିବି ତାହା କରିବ ।' ଦ୍ରୌପଦୀ ପ୍ରତିଶ୍ରୁତି ଦେଲେ ଯେ, ସେମାନେ ସବୁ କଥା ମାନିବେ । କୃଷ୍ଣ ପ୍ରତ୍ୟେକଙ୍କ ପାଖକୁ ଯାଇ ସେମାନଙ୍କ କାନରେ ଉପାୟ ବତାଇ ଦେଲେ । ସେମାନଙ୍କୁ କହିଲେ, 'ମୁଁ ବର୍ତମାନ ଲୋମଶ ରଷିଙ୍କ ପାଖକୁ ଯାଉଛି, ଟିକିଏ ପରେ ତୁମେ ମୋ ପଛେ ପଛେ ସେଠାକୁ ଯିବ । ଇତିମଧ୍ୟରେ ଲୋମଶ ରଷି କ୍ରୋଧରେ ଜର୍ଜରିତ ହୋଇ ଅ ନ ଧ ୍ କ । ର ପ୍ରବେଶକାରୀମାନଙ୍କୁ ଅଭିଶାପ ଦେବାକୁ ଯାଉଥିଲେ । ଠିକ୍ ସେହି ସମୟରେ କୃଷ୍ଣ ଆଶ୍ରମରେ ପ୍ରବେଶ କଲେ । ଲୋମଶ ରଷି କୃଷ୍ଣଙ୍କ ପାଦତଳେ ପଡ଼ିଲା ଓ ଅତିଶୟ ଆନନ୍ଦିତ ହୋଇଗଲେ, ଏବଂ ତାଙ୍କ ପାଇଁ କ'ଣ କରିପାରିବେ ବୋଲି ପଚାରିଲେ । ପାଣ୍ଡବ ମାନେ ପହଂଚିବା ପର୍ଯ୍ୟନ୍ତ କୃଷ୍ଣ ଲୋମଶ ରଷିଙ୍କୁ ଏଣୁ ତେଣୁ ବହୁ ପ୍ରଶ୍ନ ପଚାରୁ ଥାଆନ୍ତି । ପାଣ୍ଡବ ମାନେ ଆଶ୍ରମରେ ପ୍ରବେଶ କରିବା ମାତ୍ରେ କୃଷ୍ଣ ପାଣ୍ଡବ ମାନଙ୍କ ପାଦତଳେ ପଡ଼ିଗଲେ । ପାଣ୍ଡବ ମାନେ ହତବୁଦ୍ଧି ହୋଇ ଗଲେ, କିନ୍ତୁ କୃଷ୍ଣଙ୍କ ଆଦେଶ ପାଳନ କରି କିଛି କହିଲେ ନାହିଁ । ଲୋମଶ ରଷି ଯେତେବେଳେ ଦେଖିଲେ କୃଷ୍ଣ ଆଗନ୍ତୁକମାନଙ୍କ ପାଦତଳେ ପଡୁଛନ୍ତି, ସେ ମଧ୍ୟ ସେମାନଙ୍କୁ ଭୂମିଷ୍ଠ ପ୍ରଣାମ କଲେ । କୃଷ୍ଣ ରଷିଙ୍କ ସହିତ ପାଣ୍ଡବ ମାନଙ୍କ ପରିଚୟ କରାଇ ଦେଲେ । ଲୋମଶ ରଷି କୃଷ୍ଣଙ୍କ ମୁଖରୁ ପାଣ୍ଡବମାନଙ୍କ ପ୍ରଶଂସା ଶୁଣି ଅତି ପ୍ରସନ୍ନ ହେଲେ । କୃଷ୍ଣ ଯେତେବେଳେ କହିଲେ ଯେ ଏହିମାନେ ହିଁ ସେ ଫଳ ପ୍ରତି ଆକର୍ଷିତ ହୋଇ ଥିଲେ, ଲୋମଶ ରଷିଙ୍କ ସ୍ୱର ପୁରାପୁରି ଭିନ୍ନ ହୋଇଗଲା ଓ ସେ କହିଲେ, 'ସେମାନେ ଫଳଟି ନିଅନ୍ତୁ, ସେଥିରେ କିଛି ଆପତି ନାହିଁ । ସେହି ଫଳ ଖାଇବା ଦ୍ୱାରା ବହୁଦିନ ପର୍ଯ୍ୟନ୍ତ ପାଣ୍ଡବ ମାନଙ୍କୁ ଭୋଗ ଲାଗି ନଥିଲା । ଭକ୍ତ ମାନଙ୍କ ବିପଦ ବା ଅସୁବିଧା ଦୂର କରିବା ପାଇଁ ପ୍ରଭୁଙ୍କର ଉପାୟ ଅସଂଖ୍ୟ ଓ ଅତୀବ ବିସ୍ମୟକର ।

*ଅଲିଶା ବଜାର, କଟକ: ୯୩୩୭୨୪୨୯୫୫*

## ସୋନୁ ନିଗମ

◆ ଅନୁପମା ଭୂୟାଁ



ଜଣେ ପ୍ରଖ୍ୟାତ ଭାରତୀୟ କଣ୍ଠଶିଳ୍ପୀ ଭାବେ ସୋନୁ ନିଗମ ଲୋକପ୍ରିୟ । ୧୯୭୩ ଜୁଲାଇ ୩୦ ତାରିଖ ଆଜିର ଦିନରେ ଫରିଦାବାଦ ଠାରେ ତାଙ୍କ ଜନ୍ମ । ଏକାଧାରାରେ ସେ ଜଣେ ଗାୟକ, ଉପସ୍ଥାପକ ଓ ଅଭିନେତା । ହିନ୍ଦୀ, ମରାଠୀ, ଓଡ଼ିଆ, ତେଲୁଗୁ, ତାମିଲ, କନ୍ନଡ଼ ଓ ବଙ୍ଗଳା ସିନେମାରେ ଅନେକ ଗୀତ ଗାଇ ସେ ଶ୍ରୋତାଙ୍କ ହୃଦୟ ଜିଣିଛନ୍ତି । ଏଥିସହ ସେ ଅନେକ ପପ୍ ଆଲବମ୍‌ରେ ମଧ୍ୟ କଣ୍ଠଦାନ କରିଛନ୍ତି । କିଛି ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ସେ ନିଜ ଅଭିନୟ କଳା ଦେଖାଇଛନ୍ତି । ପିଲାଟି ଦିନୁ ସଂଗୀତ ପ୍ରତି ସୋନୁ ନିଗମଙ୍କର ଦୁର୍ବଳତା ରହିଥିଲା । ତିନି ବର୍ଷ ବୟସରେ ସେ ତାଙ୍କ ବାପାଙ୍କ ସହ ମଂଚ ଉପରେ ମହମ୍ମଦ ରଫିଙ୍କ ଗୀତ କ୍ୟା ହୁଆ ତେରା ୱାଦା' ଗାଇ ଗାୟକ ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ଏହାପର ଠାରୁ ଆଉ ପଛକୁ ଫେରିନଥିଲେ ସେ । ଧୀରେ ଧୀରେ ବାପାଙ୍କ ସହ ବିବାହ ଓ ପାର୍ଟି ଆଦିରେ ସେ ଗୀତ ଗାଇବାକୁ ଲାଗିଲେ । ଖୁବ୍ କମ ବୟସରୁ ହିଁ ବିଭିନ୍ନ ସଂଗୀତ ପ୍ରତିଯୋଗିତାରେ ସୋନୁ ନିଜ କଣ୍ଠର ଯାଦୁ ଦେଖାଇ ସଫଳ ହୋଇଥିଲେ । ଜଣେ ଗାୟକ ଭାବେ କ୍ୟାରିୟର ଗଢ଼ିବା ଲାଗି ୧୯ ବର୍ଷ ବୟସରେ ସେ ବାପାଙ୍କ ସହ ମୁମ୍ବାଇ ଆସିଥିଲେ । ମାୟାନଗରୀ ମୁମ୍ବାଇରେ ତାଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼ିଥିଲା । ପ୍ରଥମେ ପ୍ରଥମେ ସେ ମହମ୍ମଦ ରଫିଙ୍କ ଗୀତ ଗାଇବା ଆରମ୍ଭ କଲେ । ଗୁଲଶନ କୁମାର ସୋନୁଙ୍କ ଦକ୍ଷତା ଚିହ୍ନି ତାଙ୍କୁ ଆଗକୁ ବଢ଼ିବା ନିମନ୍ତେ ସୁଯୋଗ ଦେଇଥିଲେ । କଣ୍ଠଶିଳ୍ପୀ ରୂପେ ସୋନୁ ୧୯୯୦ ମସିହାରେ ନ୍ତଜାନମ୍' ସିନେମାରେ ଗୀତ ଗାଇବା ସୁଯୋଗ ପାଇଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ତାହା ରିଲିଜ ହୋଇନଥିଲା । ପରେ ସେ ଅନେକ ରେଡ଼ିଓ ବିଜ୍ଞାପନରେ ସୁଯୋଗ ପାଇଥିଲେ । ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଉସ୍ତାଦ ଗୁଲାମ ମୁସ୍ତଫା ଖାନଙ୍କ ଠାରୁ ସୋନୁ ତାଲିମ ନେଇଥିଲେ । ୧୯୯୫ ମସିହାରେ ସେ ଜି ଟିଭିରେ ପ୍ରସାରିତ ଗାୟନ ପ୍ରତିଯୋଗିତା ନ୍ତସା-ରେ-ଗା-ମା-ପା'ର ସଂଚାଳକ ରୂପେ କାମ ଆରମ୍ଭ କରିଥିଲେ । ଖୁବ୍ ଶୀଘ୍ର ସେହି ସିରିୟଲଟି ଲୋକପ୍ରିୟ ହେବା ସହ ରାତାରାତି ସୋନୁ ନିଗମଙ୍କ କ୍ରେଜ ମଧ୍ୟ ବଢ଼ିଯାଇଥିଲା । ସୋନୁ ଗାଇଥିବା ଗୀତଗୁଡ଼ିକ ମଧ୍ୟରେ ନ୍ତଆଚ୍ଛା ସିଲା ଦିଆ ତୁନେ', ନ୍ତସନ୍ଦେଶେ ଆତେ ହେଁ', ନ୍ତକଲ ହୋ ନା ହୋ', ନ୍ତମେଁ ହୁଁ ନା' ଆଦି ପ୍ରସିଦ୍ଧି ଲାଭ କରିଛି । ନଦୀମ-ଶ୍ରବଣଙ୍କ ସଂଯୋଜିତ ପରଦେଶ ଫିଲ୍ମର ଗୀତ ନ୍ତୟେ ଦିଲ ଦିୱାନା' ତାଙ୍କ ରଫିଙ୍କ ନକଲ ହେବାର ଛବିକୁ ବଦଳାଇ ଦେଇଥିଲା । ତା ପରେ ସେ ନିଜର ଭିନ୍ନ ଏକ ଶୈଳୀ ପ୍ରସ୍ତୁତ କଲେ ଓ ଭାରତର ନୂତନ କଣ୍ଠଶିଳ୍ପୀ ମାନଙ୍କ ଆଦର୍ଶ ପାଲଟିଗଲେ ।

*ନ୍ତସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ*

## ଭେଣ୍ଡି ଏକ ପୁଷ୍ଟିକର ପରିବା

ଏହା ଭିଟାମିନ୍ ସି' ଓ ଭିଟାମିନ୍ କେ-୧'ର ଉତମ ଉତ୍ସ । ଏଥିରେ କମ୍ ପରିମାଣରେ କାଲୋରୀ, ପୁଷ୍ଟିସାର ଓ କାର୍ବୋହାଇଡ୍ରେଟ୍ ଥାଏ । ଭେଣ୍ଡିରେ ଥିବା ପ୍ରଚୁର ଆଂଟିଅକ୍‌ସିଡା□ ବିଭିନ୍ନ ମାରାତ୍ମକ ରୋଗର ଆଶଙ୍କା ହ୍ରାସ କରେ । ନିୟମିତ ଖାଇଲେ ମଧୁମେହ ନିୟନ୍ତ୍ରଣରେ ରହେ । ଏହା ଅନ୍ତନଳୀର ଯାବତୀୟ ବିକାର ନାଶ କରେ । ଭେଣ୍ଡିରେ ଥିବା ଲେକ୍‌ଟିନ୍ ନାମକ ପୁଷ୍ଟିସାରରେ କର୍କଟ ବିରୋଧୀ ଗୁଣ ଥାଏ ବୋଲି ବୈଜ୍ଞାନିକ ଅଧ୍ୟୟନରୁ ଜଜଣାପଡ଼ିଛି । ଗର୍ଭବତୀ ମହିଳାଙ୍କ ପାଇଁ ଅତ୍ୟାବଶ୍ୟକ ଭିଟାମିନ୍ -ବି-୯ ଭେଣ୍ଡିରୁ ହାସଲ



କରାଯାଇପାରେ । କୋଷ୍ଠକାଠିନ୍ୟ ସମସ୍ୟା ଭୋଗୁଥିଲେ ନିୟମିତ ଭେଣ୍ଡି ଖାଆନ୍ତୁ । ଏହା ଅମ୍ଳକ୍ଷରଣ ରୋକେ । ବଦହଜମି ସମସ୍ୟା ରହେ ନାହିଁ । ଏଥିରେ ବିଟା- କାରୋଟିନ୍ ଥିବାରୁ ଆଖି ପାଇଁ ଭଲ । ଭେଣ୍ଡି ଅଗ୍ନାଶୟ କର୍କଟ ଓ ହୃତ୍‌ପିଣ୍ଡ ରୋଗ ଆଶଙ୍କା କମାଏ । ପୋଡ଼ାଜଳା ହେଉଥିଲେ ଖାଦ୍ୟରେ ଭେଣ୍ଡି ସାମିଲ କରନ୍ତୁ ଉପଶମ ମିଳିବ । ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଅଧାଭଜା ଭେଣ୍ଡି ଚୋବାଇ ଖାଇବା ଦ୍ୱାରା ଓଜନ କମେ । ଭେଣ୍ଡି ମଞ୍ଜି ଶୁଖାଇ ଗୁଣ୍ଡ କରି ନିୟମିତ ଶିଶୁକୁ ଖୁଆନ୍ତୁ । ଶିଶୁ ପାଇଁ ଏହା ଉତମ ପୁଷ୍ଟିସାର ।

✦ ✦ ✦

## ସ୍ୱାସ୍ଥ୍ୟ

## ଟନ୍‌ସିଲ୍ ସମସ୍ୟା

**ଏବେ ଚାଲିଛି ବର୍ଷାଋତୁ । ଏହିଦିନ ମାନଙ୍କରେ ପିଲାଙ୍କ ଟନ୍‌ସିଲ୍ ସଂକ୍ରମଣ ହୋଇଥାଏ । ସନ୍ତସନ୍ତିଆ ପରିବେଶ ଯୋଗୁଁ ପିଲାଙ୍କୁ ଏହି ରୋଗ ହୋଇଥାଏ । ଟନ୍‌ସିଲ୍ ତଂଟି ପାଖରେ ଥିବା ଏକ ଉପଜିହ୍ୱା । ଏହା ଗଳାର ଏକ ଗ୍ରନ୍ଥି । ଥଣ୍ଡା ହେଲେ ଏହା ପାଚେ ଓ ଖାଦ୍ୟ ଖାଇବାରେ କଷ୍ଟ ଅନୁଭବ ହୋଇଥାଏ । ଏହି ସମସ୍ୟାକୁ ଟନ୍‌ସିଲାଇଟିସ୍ ବୋଲି କୁହାଯାଏ । ଇସନୋଫିଲ୍ ପରିମାଣ ଅଧିକ ହେଲେ ଏହି ରୋଗ ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଏ । ବିଶେଷ କରି ପିଲାମାନଙ୍କୁ ଏହି ରୋଗ ଅଧିକ ମାତ୍ରାରେ ଆକ୍ରାନ୍ତ କରେ ।**

**ଲକ୍ଷଣ:** ଏହାର ପ୍ରଧାନ ଲକ୍ଷଣ ହେଉଛି ଗଳାର ସ୍ୱର ପରିବ□ନ ହେବା । ତା' ସାଙ୍ଗକୁ ଗଳା ଦରଜ ହୋଇ ଯନ୍ତ୍ରଣା ହୋଇଥାଏ । କିଛି ପିଲା ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି । ଦୀର୍ଘଦିନ ଧରି ଏହି ଜ୍ୱର ଲାଗି ରହିଥାଏ ।

**କାରଣ:** ଜୀବାଣୁମାନଙ୍କ ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ । ସଂକ୍ରମଣରେ ସେମିତି କିଛି ନିର୍ଦ୍ଦିଷ୍ଟ କାରଣ ନଥିଲେ ବି ସଚେତନତା ଅଭାବରୁ ଏବଂ ପରିବେଶଗତ କାରଣରୁ ଏହି ସମସ୍ୟା ଅନେକ ସମୟରେ ଗୁରୁତର ହୋଇଥାଏ । ବୟସ୍କମାନଙ୍କ ମଧ୍ୟରେ ଅତ୍ୟନ୍ତ ରାଗ, ମସଲାଯୁକ୍ତ ଖାଦ୍ୟପେୟ ଖାଇବା, ଧୂମପାନ କରିବା ଆଦି କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଥାଏ । ସେହିପରି ଅସ୍ୱାସ୍ଥ୍ୟକର ଓ ସନ୍ତସନ୍ତିଆ ସ୍ଥାନରେ ରହୁଥିବା ଶିଶ ବାନଙ୍କୁ ଏହି ରୋଗ ଖୁବ୍ ସହଜରେ ସଂକ୍ରମିତ ହୋଇଥାଏ । ବସନ୍ତ ଓ ବର୍ଷା ଋତୁରେ ଏହି ରୋଗର ପ୍ରାଦୁର୍ଭାବ



ଅଧିକ ପରିଲକ୍ଷିତ ହୁଏ । ବର୍ଷା ଦିନରେ ପିଲାମାନେ ସଠିକ୍ ଭାବରେ ବିଶୋଧିତ ପାଣି ନ ପିଇବା ଦ୍ୱାରା ବିଭିନ୍ନ ଜୀବାଣୁ ଓ କୀଟାଣୁ ପରୋକ୍ଷରେ ପିଲାଟିର ଘଂଟିକାକୁ ଯନ୍ତ୍ରଣା ପହ□ାଇଥାନ୍ତି । ଅନେକ କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରେ ପିଲାର ପିତାମାତା ବିଶେଷଜ୍ଞଙ୍କ ସହ ପରାମର୍ଶ ନକରି ମନଇଚ୍ଛା ପେନ୍‌କିଲର ଦେଇଥାନ୍ତି । ଏହାଦ୍ୱାରା ପିଲାଟିର ଯନ୍ତ୍ରଣା ସାମୟିକ ଭାବରେ ଉପଶମ ହେଉଥିଲେ ବି ପରବ□ୀ ସମୟରେ ଏହା ଟନ୍‌ସିଲ୍ ସମସ୍ୟାରେ ପରିବର୍ତନ ହୋଇଥାଏ ।

**କ'ଣ କରିବେ:** ଟନ୍‌ସିଲ୍ ସମସ୍ୟା ଭୋଗୁଥିଲେ ଗରମ ଓ ତଟକା ଖାଦ୍ୟପେୟ ଖାଆନ୍ତୁ ।
ଥଣ୍ଡା ପବନ ଲାଗୁଥିବା ସ୍ଥାନକୁ ଯାଆନ୍ତୁ ନାହିଁ ।

- ଚା, କଫି, ମିଠା କମଳା, ଗାଈକ୍ଷୀର, ମୁଗଡାଲିର ପାଣି, ସିଝା ତରକାରୀ ଖାଆନ୍ତୁ ।
- ବେକକୁ ମଫଲରରେ ଘୋଡ଼ାଇ ରଖନ୍ତୁ ।
- ଏହି ରୋଗରେ ଆକ୍ରାନ୍ତ ହୋଇଥିବା ପିଲାମାନଙ୍କୁ ଧୂଳି, ଧୂଆଁ, ଥଣ୍ଡା, ବର୍ଷାଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଏ । ମୁଣ୍ଡ ଧୋଇ ଗାଧୋଇବାକୁ ବି ମନା କରାଯାଏ ।
- ଏହାଛଡ଼ା ଖଟା, ରାଗ, ମସଲା, ଦହି, ପଖାଳ, ଶୁଖୁଆ, ବାସି ଖାଦ୍ୟ, ଆଇସକ୍ରିମ୍ ବା ଥଣ୍ଡା ପାନୀୟ ପିଇବାକୁ ମଧ୍ୟ ବାରଣ କରାଯାଏ ।

**ଘରୋଇ ଚିକିତ୍ସା :**

- ୨/୩ଟି ଲବଙ୍ଗ, ଗୋଟିଏ ବା ଦୁଇଟି ରସୁଣ ସହିତ ଏକ ଚାମଚ ମହୁ ମିଶାଇ ଦିନକୁ ୩ଥର ଖାଆନ୍ତୁ ।
- ୧୦ଟି କରି ପେସ୍ତା ବାଦାମ ଓ ଗୋଲମରିଚକୁ ଏକ କପ୍ ପାଣିରେ ମିଶାଇ ଏକ ପେଷ୍ଟ କରନ୍ତୁ । ଏହାକୁ ଲୁଣ ବା ଚିନି ସହ ଖାଇ ପାରିବେ ।
- ଏକ କପ୍ ଗରମ କ୍ଷୀରରେ ଅଳ୍ପ ହଳଦୀ ପାଉଡର ମିଶାଇ ରାତିରେ ଶୋଇବା ପୂର୍ବରୁ ସେବନ କରନ୍ତୁ ।
- ପିଆଜରସକୁ ମହୁ ସହିତ ମିଶାଇ ଖାଇଲେ ଟନ୍‌ସିଲରୁ ଉପଶମ ମିଳିଥାଏ ।

**ବାପା ମା'ଙ୍କ ପାଇଁ:** ମନେ ରଖନ୍ତୁ ଟନ୍‌ସିଲ ସବୁକ୍ଷେତ୍ରରେ ବର୍ଷ ବର୍ଷ ଧରି ପିଲାଟିକୁ ଯନ୍ତ୍ରଣା ଦେଇନଥାଏ । କିନ୍ତୁ ଏହି ମାମୁଲି ଯନ୍ତ୍ରଣା ପିଲାଟିର ଶାରିରୀକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିଥାଏ । ସଦାସର୍ବଦା ପିଲାଙ୍କୁ ମୁକ୍ତ ପବନରେ ବିଚରଣ କରିବାର ସୁଯୋଗ ଦିଅନ୍ତୁ । ବଜାରର ଫାଷ୍ଟଫୁଡ୍, ଚକୋଲେଟ୍, ଆଇସକ୍ରିମ୍, ଥଣ୍ଡାଖାଦ୍ୟ ଓ ଫ୍ରିଜ୍‌ରୁ କାଢ଼ି ତତ୍‌କ୍ଷଣାତ୍ କୌଣସି ଖାଦ୍ୟ ଦିଅନ୍ତୁ ନାହିଁ । ପିଲାକୁ ଯୋଗ ତଥା ପ୍ରାଣାୟମ ଶିଖାନ୍ତୁ । ମୁକ୍ତ କଣ୍ଠରେ ଭଜନ, ଜଣାଣ ବା ଭକ୍ତି ସଂଗୀତ ଗାଇବାର ସୁଯୋଗ ଦିଅନ୍ତୁ । ଟନ୍‌ସିଲ ସମସ୍ୟା ପାଇଁ ବ୍ୟସ୍ତ ନହୋଇ ତୁରନ୍ତ କର୍ଣ୍ଣ, ନାସା, ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

## ତ୍ରିଯ୍ୟକ

## କହିଲେ କହିବ କହୁଛି

ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ସ୍ୱାସ୍ଥ୍ୟ ସେବା କିଭଳି ଚାଲୁଛି ତାହା ଯିଏ ଅଙ୍ଗେ ନିଭେଇଥିବ ସେ ହିଁ ବୁଝି ପାରିବ ଚାକଚକ୍ୟ ଡାକ୍ତରଖାନା, ଡାକ୍ତର, ସେବିକା ଏବଂ ଉନ୍ନତଧରଣର ଯନ୍ତ୍ରପାତି ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ହେଉନାହିଁ ବୋଲି ଆମକୁ ବୁଝିବାକୁ ପଡ଼ିବ । ଗରିବ ରୋଗୀ ମାନଙ୍କ କଥା ନକହିଲେ ଭଲ । ବ□ମାନ ସ୍ଥିତିରେ ଯାହାର ପଇସା ଅଛି ସେ ନିଶ୍ଚିତ ଭାବେ ଉପଯୁକ୍ତ ଚିକିତ୍ସା ଲାଭ କରିବ । କିନ୍ତୁ ଯାହା ପାଖେ ଅର୍ଥ ନାହିଁ ତାହାର ଚିକିତ୍ସା କିପରି ହେଉଥିବ ତାହା ଭଗବାନ ହିଁ କହିପାରିବେ । ଜନୈକ ୩୦/୩୨ ବର୍ଷର ଯୁବକଟିଏ ଦୀର୍ଘ ଦେଢ଼ମାସ ହେବ ନାଳ-ରକ୍ତ ଝାଡ଼ାରେ ପୀଡ଼ିତ ହୋଇ କଷ୍ଟ ପାଉଥିଲେ । ଯେତେ ଔଷଧ ଖାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିଲା । ଘରୋଇ ଉପଚାର କଲେ ମଧ୍ୟ ତାହାର କିଛି ପ୍ରଭାବ ପଡୁନଥିଲା । ସପ୍ତାହକ ତଳେ ସେ ପିଲାଟି ସହ ଦେଖା ହେବାରୁ ପଚାରିଲି- ବାବୁରେ ! ତୋ ଦେହ କଅଣ ଭଲ ନାହିଁକି, ଏପରି ଶୁଖିଲା ଦିଶୁଛୁ କାହିଁକି ? ସେ କହିଲା- ଅପା ! ଦେଢ଼ମାସ ହେଲାଣି ମୁଁ ନାଳ-ରକ୍ତ ଝାଡ଼ାରେ ଆକ୍ରାନ୍ତ ହେଲିଣି । ଯେତେ ଔଷଧ ଖାଇଲେ ମଧ୍ୟ କୌଣସି କାମ ଦେଉନି । ମୁଁ ପଚାରିଲି କାହିଁକି ଡାକ୍ତରଙ୍କ ପାଖକୁ ଯାଇଥିଲୁ କି ନାହିଁ ? ସେ କହିଲା ଯାଇଥିଲି, ଡାକ୍ତରଙ୍କୁ ବି ଦେଖେଇଲି । ସେ ମୋତେ ଯେଉଁ ଔଷଧ ଦେଲେ ତାହା ଖାଇଲେ ମଧ୍ୟ କୌଣସି ଲାଭପ୍ରଦ ହେଲା ନାହିଁ । ମୁଁ ପୁଣି ପଚାରିଲି ଝାଡ଼ା ପରୀକ୍ଷା କରିଥିଲୁ କି ନାହିଁ ? ସେ କହିଲା- ନାଇଁ କରିନାହିଁ । ମୁଁ କହିଲି- ତୁ ବାହାରକୁ ଯାଇ ଭଲ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ସହ ସବୁ କିଛି ପରୀକ୍ଷା କରି ଆସିବୁ । ମୋ କଥା ମାନି ସେ ବାହାରକୁ ଯାଇ ଭଲ ଡାକ୍ତରଙ୍କ ସହ ପରାମର୍ଶ ସହ ପରୀକ୍ଷା ନିରୀକ୍ଷା କରି ଘରକୁ ଫେରି ଔଷଧ ସେବନ କରିବାରୁ ଦିନେ/ ଦୁଇ ଦିନ ଭିତରେ ସେ ପୁନଶ୍ଚ ସୁସ୍ଥ ହୋଇଯିବାରୁ ମୋ ପାଖକୁ ଯାଇଥିଲା ଏସବୁ ବିଷୟରେ କହିବା ପାଇଁ । ମୁଁ ପଚାରିଲି ଡାକ୍ତର କଅଣ କହିଲେ, ସବୁକିଛି ପରୀକ୍ଷା କରିଥିଲୁ କି ନାହିଁ । ସେ କହିଲା - ହଁ, ଡାକ୍ତର ସବୁ ଦେଖିଲେ ଏବଂ ପେଟ ଭିତର ଫଟୋ ଉଠାଇ ସେଇ ଅନୁସାରେ ଔଷଧ ଦେଲେ ଏବଂ ମୁଁ ଭଲ ହେଲି । ପୂର୍ବରୁ ଯେଉଁ ଔଷଧ ଖାଇଥିଲି ତାହାଭୁଲ୍ ଥିଲା ସେଥିପାଇଁ ମାସେ ହେଲାଣି ମୁଁ କଷ୍ଟ ପାଉଥିଲି । ଯଦି ଡାକ୍ତର ରୋଗୀର ସମସ୍ତ ତଥ୍ୟକୁ ଠିକ୍ ଭାବେ ବୁଝି ସେଇ ଅନୁସାରେ ଔଷଧ ଦେଲେ ନିହାତି ରୋଗ ଭଲ ହେବ । ଉପରଠାଉରିଆ ଭାବେ ରୋଗୀର କଅଣ ହେଇଛି ବୋଲି ରୋଗକୁ ସଠିକ୍ ଭାବେ ନିରୁପଣ ନକରି ଔଷଧ ଦେଲେ ରୋଗ ଭଲ ହେବା ପରିବ□ ରୋଗ ବଢ଼ିଯାଏ । ଆମେ ସମସ୍ତେ ଡାକ୍ତରଙ୍କୁ ଭଗବାନଙ୍କ ଦ୍ୱିତୀୟ ଅବତାର ବୋଲି କହିଥାଉଁ । ସେଥିପାଇଁ ଡାକ୍ତରମାନେ ରୋଗୀ ସେବାକୁ ବ୍ରତ ଭାବେ ଗ୍ରହଣ କରି ରୋଗୀକୁ ଉପଯୁକ୍ତ ଚିକିତ୍ସା ମାଧ୍ୟମରେ ସେବା କରି ଭବାନଙ୍କ ସାନିଧିଲାଭ କରିବା ଉଚିତ । କିନ୍ତୁ ଅନ୍ୟଥା ସେବା ବଦଳରେ ଯଦି ରୋଗୀକୁ କଷ୍ଟ ପାଇବା ସହ ଏଣେତେଣେ ଦୌଡ଼ି ଖର୍ଚ୍ଚାନ୍ତ ହୁଏ ତାହାଲେ ସେବାର ପରିଭାଷା ଆମେ କଅଣ ବୁଝିବା ?

✦ ✦ ✦




# ୨ୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ

ବାରିପଦା(ନିପ୍ର): ସ୍ଥାନୀୟ ମହାରାଜା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ' ଦ୍ୱାରା ଆୟୋଜିତ ହେବାକୁଥିବା ୨ୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଜାତୀୟ ନାଟ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ଓ 'ଆଜିର ସମାଜ : ଆଜିର ନାଟକ' ବିଷୟ ଉପରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ସହଯୋଗୀତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦଘାଟନ




କରିଥିଲେ । ମହୋତ୍ସବର ଅଧ୍ୟକ୍ଷ ଡା. କୈଳାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠିତ ନାଟ୍ୟକାର ନିର୍ଦ୍ଦେଶକ ତଥା ଏନ ଏସ ଡି, ନୂଆଦିଲ୍ଲୀର ପ୍ରଫେସର ଡ୍. ସତ୍ୟବ୍ରତ ରାଉତ, କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ତଥା ନାଟ୍ୟଚେତନା ଗ୍ରୁପର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନାଟ୍ୟ ବିଭାଗର ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଗବେଷଣାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଓ ଆବାହକ ତଥା ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଡ. ଦେବବ୍ରତ ପ୍ରିୟଦର୍ଶିନୀ ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡ. ପୁଷ୍ପା ପାତ୍ର ମ* ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନା ଚକ୍ରରେ ବହୁ ନାଟ୍ୟପ୍ରେମୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଓ ପରବର୍ତ୍ତୀ ଆଲୋଚନା ଚକ୍ର ଚଳିତ ମାସ ୩୦ ତାରିଖ ଦିନ ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ଧାମନଗର(ନିପ୍ର): ଧାମନଗର ଏନ.ଏ.ସି. ଅନ୍ତର୍ଗତ ୯ ନମ୍ବର ୱାର୍ଡର ପଠାନ ମହଲା ସାମସୁଦିନି ଖାଁ ଧାମନଗର - ଫଳପୁର ରାସ୍ତା ପାଖରେ ରହୁ ଥିବାବେଳେ ଅତ୍ୟନ୍ତ ଦୁଃଖଦାୟକ ଭାବରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ସୁଚନା ଥାଉକି ଗ୍ରାମରେ ବନ୍ୟା ପାଣି ପଶିଯିବାରୁ ସେ ନିଜ ଘରର ଆସବାବପତ୍ର ଓ ଘରୋଇ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ଭାବରେ ଛାତ ଉପରକୁ ସ୍ଥାନାନ୍ତର କରୁଥିଲେ । ଏହି ସମୟରେ ସତର୍କତା ଅବଲମ୍ବନ କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ଭାବେ ଆହତ ହୋଇଥିଲେ ।ପରିବାରବର୍ଗ ଓ ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଧାମନଗର ସ୍ଥିତ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ଏହି ଅଘଟଣ ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ଶିରିଡ଼ିସାଇ ମନ୍ଦିରରେ ରକ୍ତଦାନ ଶିବିର

ଜଳେଶ୍ୱର(ନିପ୍ର): ପ୍ରତିବର୍ଷ ପରି ଚନ୍ଦନାସ୍ଥିତ ଶିରିଡିସାଇ ମନ୍ଦିରରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିରିଡିସାଇ ଅର୍ଚ୍ଚନା ଟ୍ରଷ୍ଟ ଓ ରୋଟାରୀ କ୍ଲବ ଅଫ ଜଳେଶ୍ୱର ମିଳିତ ସହଯୋଗରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୦୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଯାଇଛି । ଏହି ଶିବିରକୁ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଉଦ୍‌ଘାଟନ କରିଥିଲେ । ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ଟ୍ରଷ୍ଟ ସଭାପତି ତପନ ଜେନା, ସଂପାଦକ ଭାସ୍କର ସ୍ୱାଇଁ, ସହସଂପାଦକ ସୁବ୍ରତ ରଣା, କୋଷାଧ୍ୟକ୍ଷ ବିକାଶ ଧର, ରୋଟାରୀକ୍ଲବ ପୂର୍ବତନ ସଭାପତି ଡାକ୍ତର ଦିପ୍ତିମୟୀ ମହାପାତ୍ର, ସଂପାଦକ ଦୀପ୍ତିରାଣୀ ନନ୍ଦୀ ପ୍ରମୁଖ ପରିଚାଳନା କରିଥିବା ବେଳେ ବହୁ ସଦସ୍ୟ ସହଯୋଗ କରିଥିଲେ । ପ୍ରତିକୂଳ ପାଗ ସତ୍ୱେ ରକ୍ତଦାନ କାର୍ଯ୍ୟରେ ଯୋଗଦେଇଥିବା ରକ୍ତଦାତାମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଏସ୍ଆଇଆର କାର୍ଯ୍ୟର ସମୀକ୍ଷା କଲେ ଉପନିର୍ବାଚନ ଅଧିକାରୀ

ଖୋର୍ଦ୍ଧା(ନିପ୍ର): ରିଖ: ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଉପ ଶାସନ ସଚିବ ତଥା ଉପ ନିର୍ବାଚନ ଅଧିକାରୀ ଶ୍ରୀମତୀ ଅନାମିକା ସିଂହ ଆଜି ଖୋରଧା ଜିଲ୍ଲା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜି କରଣ ଅଧିକାରୀ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପିଣ୍ଡିକି ବାହୁ ବଳେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ୧୧୧ ଜୟଦେବ ସଂରକ୍ଷିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ୧୧୫ ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ



ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା,୧୧୬ ବେଗୁନିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ,୧୧୭ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଉପଜିଲ୍ଲାପାଳ, ଖୋରଧା ସଂକଳ୍ପ ସ୍ୱସ୍ତିକ ସାହୁ,୧୧୮ ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଖୋରଧା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ପାୱାର ପଏଂଟ ମାଧ୍ୟମରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ବନ୍ଧରେ ଉପସ୍ଥାପନ କରିଥିବା ବେଳେ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଙ୍କୁ ଏସ ଆଇ ଆର କାର୍ଯ୍ୟ ଅଗ୍ରଗତି ସମ୍ବନ୍ଧରେ ଉପ ଶାସନ ସଚିବ ସମୀକ୍ଷା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ଏସ ଆଇ ଆର କାର୍ଯ୍ୟକ୍ରମର ଜିଲ୍ଲାୱାରି ତଥ୍ୟ ଉପ ଶାସନ ସଚିବ ଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲାରେ ଅତିରିକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ଯଥା ବି ଡି ଓ, ତହସିଲଦାର ଏବଂ ପୌର / ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ମାନଙ୍କୁ ନେଇ ୩୫ ଜଣଙ୍କ ସହ ଅଭାସିରେ ଉପ ଶାସନ ସଚିବ ସିଂହ ସମୀକ୍ଷା କରିଥିଲେ । ଭୋଟ କେନ୍ଦ୍ର ଗୁଡ଼ିକୁ ଯୁକ୍ତିଯୁକ୍ତ ତଥା ସଙ୍ଗତ କଲାପରେ ୧୫୭୯ ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତି କରାଯାଇଛି । ସେହିପରି ଭାରତୀୟ ଜନତା ପାର୍ଟି ତରଫରୁ ୧୨୩୮, ବିଜୁ ଜନତା ଦଳ ପକ୍ଷରୁ ୧୩୪୦, ଏବଂ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ୬୦୫ ବୁଥ ସ୍ତରୀୟ ଏଜେଂଟ ନିଯୁକ୍ତି ନେଇ ମୋଟ ୩୦୮୩ ବି ଏଲ ଏ ନିଯୁକ୍ତି ସମ୍ବନ୍ଧରେ ଉପ ଶାସନ ସଚିବ ଅବଗତ ହୋଇଥିଲେ । ସେହିପରି ମ୍ୟାପିଂସ୍ଥିତି, ଭୋଟର ଚିହ୍ନଟ ଫର୍ମ ବଂଟନ, ଡିଜିଟାଇଜେସନ, ଲିଙ୍ଗ ଭେଦରେ ଜନସଂଖ୍ୟା (ପ୍ରାରମ୍ଭିକ ଭୋଟର ତାଲିକା ଚିଠା ପ୍ରସ୍ତୁତ ପରେ), ଭୋଟର ତାଲିକା ରେ ଅନିୟମିତତା, ଆପତି ଅଭିଯୋଗ ଶୁଣାଣୀ , ପ୍ରକୃତ ଭୋଟର, ମୃତ ଭୋଟର ମାନଙ୍କୁ ତାଲିକାରୁ ବାଦ ଦେବା, ଅବୈଧାନିକ ଭୋଟରଙ୍କୁ ବାଦ ଦେବା ଆଦି ବିଷୟରେ ସମୀକ୍ଷା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ସ୍ୱିଟି ସୋରେନ, ଡେପୁଟି କଲେକ୍ଟର ସଂଗ୍ରାମ ଜେନା, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ବି ଡି ଓ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା କାବେରୀ ମୁଦୁଲି, ତହସିଲଦାର ଏବଂ ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ବିଭାଷ ପାଣିଗ୍ରାହୀ,ଜିଲ୍ଲା ନିର୍ବାଚନ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

# କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




କଟକ(ନିପ୍ର): ଓଡ଼ିଆ ଭାଷା ସାହିତ୍ୟର ମୁଖପତ୍ରକାୟାକଳ୍ପ ପକ୍ଷରୁ ଜଗତପୁର ସିମିସ କଲେଜ୍ ସମ୍ମିଳନୀ ଗୃହରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଧନିଆପଡ଼ା ଗ୍ରାମର ଅନ୍ନପୂର୍ଣ୍ଣା ବେହେରା, ଅପର୍ଣ୍ଣା ବେହେରା, କଟକ ନୂଆବଜାର ଗାନ୍ଧୀ ପଲ୍ଲୀର ଅମନ ଗୁପ୍ତାଙ୍କୁ ପୁରସ୍କୃତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପ୍ରାଧ୍ୟାପିକା ନାମିତା ପଟ୍ଟନାୟକ, ହୃଷିକେଶ ପ୍ରଧାନ ପ୍ରମୁଖ ଅତିଥି ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବା ସହିତକୃତି ଛାତ୍ରଛାତ୍ରୀମାନଙ୍କୁ କର କମଳରେ ପୁରସ୍କାର ପ୍ରଦାନ କରିଥିଲେ । ତ୍ରିଲୋଚନ ଦାଶ ମଂଚ ପରିଚାଳନା କରିଥିବା ବେଳେ ସୁପ୍ରଭା ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କୁକରିଥିଲେ ।

# ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଜଳେଶ୍ୱର(ନିପ୍ର): ପୌରପାଳିକାର ୭ନଂ ୱାର୍ଡ ଶାସନବାର୍ଡରେ ୯୬ ଓ ୯୭ ନଂ ବୁଥ ରହିଥିବା ବେଳେ ଏବେ ଏସ୍ଆଇଆର୍ ରେ ତାହା ୧୧୫ ଓ ୧୧୭ ନଂ ବୁଥରେ ପରିଣତ ହୋଇଛି । ଏହି ୱାର୍ଡରେ ମୋଟ ୧୨୯୭ ଜଣ ଭୋଟର ରହିଥିବା ବେଳେ ୧୫୭ ଜଣ ଭୋଟରଙ୍କୁ ଅନ୍ୟ ବୁଥକୁ ସମ୍ପ୍ରସାରଣ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଥିବା ୯୬ନଂ ବୁଥ ଓ ବର୍ତ୍ତମାନର ୧୧୫ନଂ ବୁଥର ସଂଶୋଧନ କରାଯାଇ ବୁଥ ମଝିରୁ ୧୫୭ଜଣ ଭୋଟରଙ୍କୁ ନେଇ ନୂତନ ବୁଥ ନଂ ୧୧୬ରେ ଯୋଗ କରାଯାଇଛି । ଯାହା ଅଂଚଳବାସୀଙ୍କୁ ସମସ୍ୟା ସୃଷ୍ଟି କରିବ । ଏହି ୱାର୍ଡରେ ୨ଟି ସରକାରୀ ବିଦ୍ୟାଳୟ ଥିବା ବେଳେ ସେଠାରେ ଭୋଟଗ୍ରହଣ କରାନଯାଇ ଅନ୍ୟ ୱାର୍ଡର ଭୋଟରକେନ୍ଦ୍ରରେ ଭୋଟ ଗ୍ରହଣ କରାଯାଉଥିବାରୁ ଏହାକୁ ସଂଶୋଧନ କରିବାଲାଗି ନିର୍ବାହୀଯନ୍ତ୍ରୀ ତଥା ଏଇଆର୍ଓ ହେମନ୍ତ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ କାଉନ୍‌ସିଲର ମୀର ଆବାସ ଅଲ୍ଲି, ମହେଶ୍ୱର ବେହେରା, ସେକ୍ ଅମିନ୍, ଅମିୟ ଶାହା, ସେକ୍ ଜାମ୍‌ସେଦ୍, ଏସ୍‌କେ ଜବେର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ୟାବିପନ୍ନଙ୍କୁ ଖାଦ୍ୟ ବଂଟନ

ସୋର(ନିପ୍ର): ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ସୋର ବିଜେପି ଯୁବମୋର୍ଚ୍ଚା ତରଫରୁ ସୋର ବ୍ଲକ ତଳନଗର ଓ ସବିରା ପଂଚାୟତର ବନ୍ୟା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ବନ୍ୟା କାରଣରୁ ଲୋକେ ଖାଦ୍ୟାପାଇଁ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିବା ବେଳେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପାଖାପାଖି ୭ଶହରୁ ଅଧିକ ଲୋକଙ୍କୁ ଏହି ଖାଦ୍ୟ ବଂଟନ କରାଯାଇଥିଲା । ଏଥି ସହିତ ଲୋକମାନଙ୍କ ନିକଟରେ ପହଂଚି ବନ୍ୟା ସ୍ଥିତି ପରଖିବା ସହିତ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଶ୍ରୀ ମିଶ୍ର କହିଛନ୍ତି । ଏହି ସମୟରେ ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ସୁଶାନ୍ତ ଦାସ, ବିଶ୍ୱଜିତ୍ ବେହେରା, ଧର୍ମେନ୍ଦ୍ର ଜେନା, ସଂଗ୍ରାମ ମହାନ୍ତି, ଦୀପକ ବେହେରା, ସର୍ବେଶ୍ୱର ପଣ୍ଡା, ସନ୍ତୋଷ ବିଶ୍ୱାଳ, ଧୀରେନ୍ଦ୍ର ବେହେରା, ଗୌରାଙ୍ଗ ବେହେରା, ଅନ୍ତନ ଦାସ, ଉତମ ଦାସ, ପ୍ରଫୁଲ୍ଲ ଦାସ, ଭାରତ ମାଝୀ, ସୁରେନ୍ଦ୍ର ଜେନା ଓ ଅରୁଣ କୁମାର ବିନ୍ଧାଣୀଙ୍କ ସମେତ ଗ୍ରାମର କିଛି ସକ୍ରିୟ ଯୁବକ ସାମିଲ ଥିଲେ ।

# ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସରକୁ 'ନୋ ଡ୍ରୋନ୍/ ନୋ ଫ୍ଲାଇଂ ଜୋନ୍' ଘୋଷଣା

କଟକ(ନିପ୍ର)ମହାମହିମ ରାଷ୍ଟ୍ରପତିଙ୍କ ଆସନ୍ତା ୦୩ ଅଗଷ୍ଟ ୨୦୨୬ ତାରିଖରେ ବାଙ୍କୀସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗସ୍ତ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ ବିଏନଏସଏସ ଆଇନ, ୨୦୨୩ର ଧାରା ୧୪(୧) ଓ ଧାରା ୧୬୩ ଅନୁଯାୟୀ ଆଦେଶ ଜାରି କରିଛନ୍ତି । ୦୧ ଅଗଷ୍ଟ ୨୦୨୬ ତାରିଖଠାରୁ ରାଷ୍ଟ୍ରପତିଙ୍କ କଟକ ଜିଲ୍ଲା ଗସ୍ତ ସମାପ୍ତି ପର୍ଯ୍ୟନ୍ତ ଜଗଦ୍ ?ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସର, ହେଲିପ୍ୟାଡ୍, ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନ, ଭିଭିଆଇପି ରୁଟ୍ ଏବଂ ସମ୍ପୃକ୍ତ ସୁରକ୍ଷା ସମ୍ବେଦନଶୀଳ ଅଂଚଳକୁ 'ନୋ ଡ୍ରୋନ୍/ ନୋ ଫ୍ଲାଇଂ ଜୋନ୍' ଭାବେ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା ନିମନ୍ତେ କାର୍ଯ୍ୟକ୍ରମ ସ୍ଥଳୀ ଓ ଏହାର ଆଖପାଖ ଅ*ଳରେ ପାରା ଗ୍ଲାଇଡର୍, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, , ୟୁ ଏ ଭି କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରାଯାଇଛି । ଏହି ଆଦେଶର ଉଲ୍ଲଂଘନ କଲେ ନିଷିଦ୍ଧ ଉପକରଣଗୁଡ଼ିକୁ ଜବତ କରାଯିବା ସହିତ ଡ୍ରୋନ୍ ନିୟମ, ୨୦୨୧, ଏୟାରକ୍ରାଫ୍ଟ ଆଇନ, ୧୯୩୪ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ସମେତ ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବ । ଏଣୁ, ସମସ୍ତ ବ୍ୟକ୍ତି ଏବଂ ସଂଗଠନ ଏହି ଆଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଦେଶର ସଫଳ କାର୍ଯ୍ୟକାରିତା ଓ ସମନ୍ୱୟ ପାଇଁ ବାଙ୍କୀ ଉପଜିଲ୍ଲାପାଳଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି । ନୋଡାଲ୍ ଅଧିକାରୀଙ୍କ ପୂର୍ବ ଲିଖିତ ଅନୁମତି ବିନା ନିର୍ଦ୍ଦିଷ୍ଟ ଅଂଚଳ ଓ ଅବଧି ମଧ୍ୟରେ କୌଣସି ପ୍ରକାର ଡ୍ରୋନ୍ କିମ୍ବା ୟୁ ଏ ଭି ପରିଚାଳନାକୁ ଅନୁମତି ଦିଆଯିବ ନାହିଁ ।

# ଚୋରଙ୍କ ଠାରୁ ଗହଣା କିଣି ଦୋକାନୀଙ୍କ ସମେତ ୫ଗିରଫ

ନୀଳଗିରି(ନିପ୍ର): ଉଦଳା ଚୋରଙ୍କ ଠାରୁ ଚୋରି ସୁନାରୁପା ଗହଣା କିଣୁ ଥିଲେ ନୀଳଗିରି ଦୋକାନୀ । ସବୁ ତରଳାଇ ପୁଣିଥରେ ହୋଲମାର୍କ ଦେଇ ବନାଉଥିଲେ ନୂଆ ସୁନାଗହଣା । ଯାହାର ପର୍ଦା ଫାସ କରିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ପୋଲିସ । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏକ ଚୋର ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରାଯିବା ସହ ଗହଣା ଦୋକାନୀଙ୍କଠାରୁ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାରୁପା ଗହଣା ଜବତ ହୋଇଛି । ସୂଚନା ଅନୁସାରେ ଉଦଳା ଥାନା ଅ*ଳର ପେଶାଦାର ଚୋର ବର୍ଣ୍ଣାଢ଼ ବିନ୍ଧାଣୀଙ୍କ ନାଁରେ ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା । ଯେଉଁ ପରିବାର ସନ୍ଧ୍ୟା ବେଳେ ମେଳା, ବଜାର କିମ୍ବା ବନ୍ଧୁବାନ୍ଧବଙ୍କ ଘରକୁ ଯାଉଥିଲେ । ସହଯୋଗୀ ଙ୍କ ଦ୍ୱାରା ସେମାନଙ୍କୁ ଖବର



ମିଳିଯାଉଥିଲା ଏବଂ ଉକ୍ତ ଘରେ ଏମାନେ କଳାକନା ବୁଲାଉଥିଲେ । ବିଶେଷ କରି ମେଳା ଭିଡ଼ ଭିତରେ ଏବଂ ମେଳାକୁ ଯାଉଥିବା ପରିବାର ଘରେ ଏମାନେ କଳାକନା ବୁଲାଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି । ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଏମାନଙ୍କ ନେଟୱାର୍କ କାମ କରୁଥିବା ଯୋଗୁଁ ବିଭିନ୍ନ ସମୟରେ ଏମାନେ ଚୋରି କରି ଫେରାର ହୋଇ ଯାଉଥିଲେ । ଗତ ୧୬ତାରିଖ ସନ୍ଧ୍ୟାରେ ଉଦଳା ଥାନା ଅଂଚଳରେ ହୋଇଥିବା ଏକ ଘର ଚୋରିରେ ଖୋଳତାଡ଼ କରି ପ୍ରଥମେ ପେଶାଦାର ଚୋର ବର୍ଣ୍ଣାଢ଼କୁ ଗିରଫ କରିବା ପରେ ତାକୁ ଧରି ନୀଳଗିରି ପହଂଚିଥିଲେ ଦଳା ଆଇଆଇସି ବନମାଳି ବାରିକ । ନୀଳଗିରି ଥାନା ସବଇନ୍ସପେକ୍ଟର ଦେବଦତ ସ୍ୱାଇଁ, ଉଦଳା ଥାନାରୁ ଏଏସଆଇ ଏସକେ ରଣା, ପୂର୍ଣ୍ଣମାରାଣୀ ଦାସ ପ୍ରମୁଖ ସଦଳବଳେ ନୀଳଗିରି-ମିତ୍ରପୁର ରାସ୍ତାର ଷ୍ଟେସନସାହି ଅଂଚଳରେ ଥିବା ଏକ ଗହଣା ଦୋକାନରେ ଚଢ଼ଉ କରି ମାଲିକ ହରଗୋବିନ୍ଦ ରଣାଙ୍କୁ ଗିରଫ କରିଥିଲେ । ତାଙ୍କ ଠାରୁ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଚୋରି ସୁନାଗହଣା ଜବତ କରିଥିଲେ । ଏହିଗହଣା ଦୋକାନୀ ଜଣକ ପେଶାଦାର ଚୋର ବର୍ଣ୍ଣାଢ଼ ସହ ସମ୍ପର୍କ ରଖି କ୍ରମାଗତଭାବେ ଚୋରି ଗହଣା ସବୁ କିଣୁଥିଲା । ସେପଟେ ଏହି ଚୋରି ଘଟଣାରେ ମୋଟ ୫ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ନାବାଳକ ଚୋର ରହିଥିବା ଆଇଆଇସି ଶ୍ରୀ ବାରିକ ସୂଚନା ଦେଇଛନ୍ତି । ନୀଳଗିରି ଥାନା କ[ାବଣିଆ ଅ*ଳରୁ ବର୍ଣ୍ଣାଢ଼ର ନାବାଳକ ଭଣଜାକୁ ମଧ୍ୟ ଗିରଫ କରାଯାଇଛି । ସୁନାରୁପା ଗହଣା ସହ ଏହି ଚୋର ଦଳଙ୍କଠାରୁ ଗୋଟିଏ କାର, ୨ଟା ବାଇକ, ୫ଟା ବିଭିନ୍ନ ବ୍ୟାଙ୍କର ପାସବହି, ୪ଟା ମୋବାଇଲ ଜବତ କରାଯାଇଥିବା ଜଣାପଡ଼ିଛି ।

# କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ନିଯୁକ୍ତିପ୍ରାପ୍ତ ଯୁବକଙ୍କୁ ୟୁଏଆଇଏଲ୍‌ର ସମ୍ବର୍ଦ୍ଧନା



ରାୟଗଡ଼ା(ନିପ୍ର): ଉତ୍କଳ ଆଲୁମିନା, (ୟୁଏଆଇଏଲ୍) ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମର ନଅଜଣ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେମାନେ ବେଙ୍ଗାଲୁରୁ ସ୍ଥିତ ଅଗ୍ରଣୀ ଗୃହ ଉପକରଣ ଓ ପ୍ରିସିଜନ୍ ଇଞ୍ଜିନିୟରିଂ ଉପାଦାନ ନିର୍ମାତା ସଂସ୍ଥା ଆଇଏଫ୍‌ବିରେ ୱେଲ୍ଡର ଟେକ୍ନିସିଆନ୍ ଭାବେ ନିଯୁକ୍ତି ପାଇଛନ୍ତି । ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କ ମଧ୍ୟରେ ବାଗ୍ରିଝୋଲା ଗ୍ରାମର ୬ ଜଣ ଏବଂ ସନାମାଟିକଣା, ପିଣ୍ଡକାପଦର ଓ ବଦଲିଝରଣ ଗ୍ରାମର ଜଣେ ଲେଖାଏଁ ଯୁବକ ଥିବା ବେଳେ ସେମାନେ ୟୁଏଆଇଏଲ୍‌ର ସିଏସ୍‌ଆର ଅନ୍ତର୍ଗତ କୌଶଳ ପ୍ରକଳ୍ପ ଅଧୀନରେ ରାୟଗଡ଼ା ସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ୍ ସେଂଟରରେ ତିନି ମାସିଆ ୱେଲ୍ଡିଂ ପ୍ରଶିକ୍ଷଣ ସମାପ୍ତ କରିଥିଲେ । ଏହି ପ୍ରକଳ୍ପ ସ୍ଥାନୀୟ ଯୁବକମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି ସହ ସେମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିଛି । ପ୍ରଶିକ୍ଷଣ ପାଇଁ ପ୍ରାର୍ଥୀମାନଙ୍କୁ ଚିହ୍ନଟ, ସଚେତନ ଓ ପ୍ରୋତ୍ସାହିତ କରିବାରେ ୟୁଏଆଇଏଲ୍‌ର ସିଏସ୍‌ଆର ଟିମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏଥିସହ ପ୍ରଶିକ୍ଷଣ ଅବଧିରେ ସେମାନଙ୍କର ଯାତାୟାତ ଓ ଖାଦ୍ୟ ବ୍ୟୟ ମଧ୍ୟ ୟୁଏଆଇଏଲ୍ ପକ୍ଷରୁ ବହନ କରାଯାଇଥିଲା । ଏହି ଅବସରରେ ନିଯୁକ୍ତି ହାସଲ କରିଥିବା ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ୟୁଏଆଇଏଲ୍‌ର ସିଏସ୍‌ଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର କହିଥିଲେ ଯେ, ସ୍ଥାନୀୟ ସମୁଦାୟର ସାମଗ୍ରିକ ବିକାଶ ପାଇଁ ୟୁଏଆଇଏଲ୍ ଦକ୍ଷତା ବିକାଶ, ଜୀବିକା ସୃଷ୍ଟି, ମହିଳା ସଶକ୍ତୀକରଣ ଏବଂ ଭିତିଭୂମି ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଛି । ଏହା ମାଧ୍ୟମରେ ଅଂଚଳର ସମନ୍ୱିତ ଓ ନିରନ୍ତର ବିକାଶ ସୁନିଶ୍ଚିତ କରାଯାଉଛି । ହାଡ଼ିଗୁଡ଼ା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ସରପଂଚ ଯଦୁମଣି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କର ଅଭିଭାବକ, ଏବିଏସ୍‌ସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ୟୁଏଆଇଏଲ୍ ପ୍ଲାଂଟର ସିଏସ୍ ଆର ଡିଏଚ୍ ଦିଗନ୍ତ ମହାନ୍ତି, ସୁଧୀର ନାୟକ ଓ ଅନ୍ୟାନ୍ୟ ସିଏସ୍‌ଆର ଅଧିକାରୀ ମାନେ ନବନିଯୁକ୍ତ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସମସ୍ତ ନୂତନ କାର୍ଯ୍ୟସ୍ଥଳକୁ ଯୋଗଦେବା ପୂର୍ବରୁ ସେମାନଙ୍କୁ ୟୁଟିଲିଟି କିଟ୍ ମଧ୍ୟ ବଂଟନ କରାଯାଇଥିଲା ।

# ରାଜ୍ୟସ୍ତରୀୟ ଭାରୋତୋଳନ୍ ପ୍ରତି ଯୋଗିତାରେ ମୁକେଶ ଓ ସତ୍ୟମ୍‌ଙ୍କ ସଫଳତା




ବ୍ରହ୍ମପୁର(ନିପ୍ର): ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଭାରୋତୋଳନ୍ ପ୍ରତିଯୋଗିତାରେ ୨ୟ ଓଡ଼ିଶା ଦିଗପହଣ୍ଡି ର ଦୁଇ ଜଣ ପ୍ରତିଯୋଗୀ ସଫଳତା ହାସଲ କରିଛନ୍ତି । ଏଥିଲାଗି ଉଭୟ ଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ୧୨ ଓ ୧୪ ବର୍ଷ ରୁ କମବାଳକ ଏବଂ ବାଳିକା ଭାରୋତଳନ ପ୍ରତିଯୋଗିତା-୨୦୨୬ ଭୁବନେଶ୍ୱର ଠାରେ ଜୁଲାଇ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତା ରେ ଦିଗପହଣ୍ଡି ର ଦୁଇ ବାଳକ ୧୪ ବର୍ଷରୁ କମ ରେ ମୁକେଶ କୁମାର ଦାସ ୫୦ ବର୍ଗ ରେ ବ୍ରୋଞ୍ଜ ପଦକ ଓ ସତ୍ୟମ୍ ରଥ ୬୫+ ବର୍ଗ ରେ ସିଲିଭର ପଦକ ପାଇଛନ୍ତି । ଉଭୟ ଙ୍କୁ ଦିଗପହଣ୍ଡି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ କୋଚ୍ ରାଜେଶ୍ୱରୀ ବେହେରା ତାଲିମ୍ ପ୍ରଦାନ କରୁଛନ୍ତି ।

# ୯ମ ଦିବସରେ କୁଚିଣ୍ଡା ବି.ଏଫ.ସି.କ୍ଲବ ୧-୦ରେ ବିଜୟୀ



ଝାରସୁଗୁଡା(ନିପ୍ର): ସ୍ଥାନିୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ଆନୁକୁଲ୍ୟରେ ୧୩ ତମ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଜି ୯ଦିବସର ମ୍ୟାଚ ବିଏଫସି କ୍ଲବ କୁଚିଣ୍ଡା ଓ ଝାଡେଶ୍ୱରୀ କ୍ଲବ ଚିତୁଆପଡା ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ବିଏଫସି କ୍ଲବ କୁଚିଣ୍ଡା ୧-୦ ଗୋଲରେ ବିଜୟୀ ହୋଇ ଥିଲା । ପ୍ରବଳ ବର୍ଷା ଥିବାରୁ ଉଭୟ ଦଳର ଖେଳାଳି ମାନେ ଖେଳିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇ ଥିଲେ । ଏହି ମ୍ୟାଚରେ ବିଏଫସି କ୍ଲବ ର ବିକ୍ରମ ମାଝି ସର୍ବଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇ ଥିଲେ । ମ୍ୟାଚରେ ଝାରସୁଗୁଡା ବିଜେପି ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଳ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ । ଏହି ଖେଳକୁ ସୂର୍ଯ୍ୟନାରାୟଣ ମିର୍ଦ୍ଧା, ଶରତ କିଶାନ, ଅରୁଣ ମୁଣ୍ଡା ସଂଜୟ କିଶାନ ପ୍ରଭୃତି ପରିଚାଳନା କରି ଥିଲେ ।

# ମନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ବନ୍ୟା ସ୍ଥିତି ସମୀକ୍ଷା



ଧାମନଗର(ନିପ୍ର): ଲଗାତାର ପାଂଚ ଦିନର ଅବିଶ୍ରାନ୍ତ ବର୍ଷା ଏବଂ ବୈତରଣୀ–ଗେଙ୍ଗୁଟି - କୋଚିଲା ନଦୀର ପ୍ରଳୟଙ୍କାରୀ ବନ୍ୟାଜଳ ଆଜି ଧାମନଗର ବ୍ଲକର ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । କାହାର ଘର ପାଣିରେ ବୁଡ଼ିଛି, କାହାର ଚୁଲି ଜଳୁନାହିଁ ତ ଆଉ କାହାର ଗୋ-ସମ୍ପଦ ଗଭୀର ବିପଦରେ ରହିଛି । ଅସହାୟ ଲୋକଙ୍କ ଆଖିର ଲୁହ ଓ ସାହାଯ୍ୟ ପାଇଁ ସେମାନଙ୍କ ଅପେକ୍ଷା ସମସ୍ତଙ୍କ ହୃଦୟକୁ ବ୍ୟଥିତ କରୁଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟା ଜଳ ୨୦.୪୫ ମିଟରରେ ପ୍ରବାହିତ ହେଉଛି । ଯଦିଓ ଜଳସ୍ତର ଧୀରେ ଧୀରେ କମିବାକୁ ଆରମ୍ଭ କଲାଣି, ତଥାପି ତଳିଆ ଅଂଚଳରୁ ବିପଦ ସମ୍ପୂର୍ଣ୍ଣ ଟଳି ନାହିଁ । ଧାମନଗର ବ୍ଲକର ୩୦ଟି ପଂଚାୟତ ମଧ୍ୟରୁ ପ୍ରାୟ ୨୭ଟି ପଂଚାୟତର ଚତୁର୍ଦ୍ଦିଗରେ ବନ୍ୟାଜଳ ପ୍ରବେଶ କରିଛି । ବୈତରଣୀ, କୋଚିଲା ଏବଂ ଗେଙ୍ଗୁଟି ନଦୀର ଅନେକ ସ୍ଥାନରେ ନଦୀବନ୍ଧ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଭୟାବହ ପରିସ୍ଥିତି ସୃଷ୍ଟି କରିଛି । କାଞ୍ଚିଆପାଳ, ରତ୍ନାଫଳପୁର, ବନବାଗ, ଦଳାଙ୍ଗ, ମଲିକ ସହିତ ଆଦି ଅଂଚଳର ବାହ୍ୟ ଜଗତ ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ସେହିପରି ଭଦ୍ରକ-ଆଖଣ୍ଡଳମଣି, ଧୁଷୁରୀ-ନଦୀଗାଁ, ଧାମନଗର-ସେଣ୍ଡପୁର, ବେଦପୁର-ପଧାନୀ, ଧାମନଗର-ଫଳପୁର ଏବଂ ଅର୍ଜୁନପୁର-ବାଲିପାଟଣା ଆଦି ମୁଖ୍ୟ ରାସ୍ତାଗୁଡ଼ିକ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଅନେକ ଗ୍ରାମରେ ବନ୍ୟାଜଳ ପଶିଯିବାରୁ ବାଧ ହୋଇ ଲୋକମାନେ ନଦୀବନ୍ଧ ଏବଂ ସ୍କୁଲଘରେ ଆଶ୍ରୟ ନେଇଛନ୍ତି । ବନ୍ୟା ବିପନ୍ନଙ୍କୁ ସାହାଯ୍ୟ ଓ ଉଦ୍ଧାର କରିବା ପାଇଁ ଏନ୍.ଡି.ଆର୍.ଏଫ୍. ଏବଂ ଓଡ୍ରାଫ୍ ଟିମ ଧାମନଗରରେ ପହଂଚିଛନ୍ତି । ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଡି.ଆଇ.ଜି. ପିନାକୀ ମିଶ୍ର, ଏ.ଏସ୍.ପି. ମନୋଜ ରାଉତ, ଜଳସେଚନ ବିଭାଗ ଏସ୍.ଡି.ଓ. ଶମ୍ଭୁନାଥ ମଲିକ ଏବଂ ଧାମନଗର ତହସିଲଦାର ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଧାମନଗର, ଧୁଷୁରୀ ଓ କୋଠାର ଆଦି ଅଂଚଳ ବୁଲି ବନ୍ୟା ବିପନ୍ନଙ୍କୁ ଭେଟି ଆଲୋଚନା କରିଛନ୍ତି । କିଛି ସ୍ଥାନରେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ତିନିଘରିଆ, ଅର୍ଜୁନପୁର ଓ ରାମେଶ୍ୱରପୁରରେ ନଦୀବନ୍ଧ ସୁରକ୍ଷା ପାଇଁ ବାଲିବସ୍ତା ଦିଆଯାଇଛି । ପୂର୍ଣ୍ଣମୀ ଥିବାରୁ ବନ୍ୟାଜଳ ଆଗକୁ କମିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଧାମନଗର ବିଜେଡିର ପ୍ରତିନିଧି ଦଳ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ପୀଡ଼ିତ ପରିବାରମାନଙ୍କ ଦୁଃଖ-ଦୁର୍ଦ୍ଦଶାକୁ ନିକଟରୁ ଅନୁଭବ କରିଛନ୍ତି । ସେମାନଙ୍କୁ ଆଶ୍ୱାସନା ଦିଆଯାଇଛି ଯେ ଏହି ବିପଦ ଘଡ଼ିରେ ସେମାନେ ଏକା ନୁହଁନ୍ତି । ଧାମନଗର ବି.ଡି.ଓ.ଙ୍କ ସହ ଆଲୋଚନା କରି ବନ୍ୟା ପୀଡ଼ିତ ଙ୍କ ପାଇଁ ତୁରନ୍ତ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ୍, ଗୋ-ଖାଦ୍ୟ ଯୋଗାଣ ସହ ଜଳବନ୍ଦୀ ଲୋକଙ୍କ ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ତ୍ୱରାନ୍ୱିତ କରିବା ପାଇଁ ଦୃଢ଼ ଦାବି ଜଣାଯାଇଛି । ବିଜେଡି ନିର୍ବାଚନ ମଣ୍ଡଳୀ ନେତା ସଞ୍ଜୟ ଦାସ, ପୂର୍ବତନ ପଂଚାୟତ ସେମିତି ଅଧକ୍ଷ ଅଶୋକ ନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲିକ ପ୍ରମୁଖ ଗସ୍ତ କରି କହିଥିଲେ । ତେବେ ବନ୍ୟା ସମୟରେ ଭୟଭୀତ ନ ହେବାକୁ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ସମସ୍ତଙ୍କୁ ନିବେଦନ କରିଛନ୍ତି ।

# ମରଣଯନ୍ତା ପାଲଟିଛି ବୈଶିଙ୍ଗା–ରୁପ୍ସା ରାସ୍ତା, ୩୦ ଦିନରେ ୩୦ରୁ ଅଧିକ ଦୁର୍ଘଟଣା

ବୈଶିଙ୍ଗା(ନିପ୍ର): ବିକାଶ ନାମରେ ନୂଆ ପ୍ରକଳ୍ପର ଶିଳାନ୍ୟାସ ହେଉଛି, କୋଟି କୋଟି ଟଙ୍କାର ଟେଣ୍ଡର ମଧ୍ୟ ଆହୂତ ହେଉଛି । କିନ୍ତୁ ଅନ୍ୟପଟେ ଯେଉଁ ରାସ୍ତା ଉପରେ ପ୍ରତିଦିନ ହଜାର ହଜାର ଲୋକ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି, ସେହି ରାସ୍ତାର ଶୋଚନୀୟ ଅବସ୍ଥା ପ୍ରଶାସନିକ ଅବହେଳାର ପର୍ଦ୍ଦାଫାଶ କରୁଛି । ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ପୂର୍ତ୍ତ ବିଭାଗର ବୈଶିଙ୍ଗା-ରୁପ୍ସା (ଏମଡିଆର-୭୦) ରାସ୍ତା ଏବେ ଜନସାଧାରଣଙ୍କ ପାଇଁ ଗମନାଗମନର ମାଧ୍ୟମ ନୁହେଁ, ବରଂ ଏକ ସାଘାତିକ ମରଣଯନ୍ତା ପାଲଟିଯାଇଛି । ସୂଚନାଯୋଗ୍ୟ ଯେ, ୨୦୨୩ ମସିହାରେ କୋଟି କୋଟି ଟଙ୍କା ବ୍ୟୟରେ ଏହି ରାସ୍ତାର ପ୍ରଶସ୍ତିକରଣ ଓ ପୁନଃନିର୍ମାଣ କରାଯାଇଥିଲା । ହେଲେ ନିର୍ମାଣ କାର୍ଯ୍ୟ ଶେଷ ହେବାର ମାତ୍ର କିଛି ଦିନ ମଧ୍ୟରେ ରାସ୍ତା ନଷ୍ଟ ହେବାକୁ ଲାଗିଥିଲା ଏବଂ ବାରମ୍ବାର ପ୍ୟାଚ୍ ପକାଇ ମରାମତି କରିବାକୁ ପଡ଼ିଥିଲା । ଏହା ନିର୍ମାଣ କାର୍ଯ୍ୟର ଗୁଣବତା ଓ ସ୍ଥାୟିତ୍ୱ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚଳିତ ବର୍ଷ ବର୍ଷା ଆରମ୍ଭ ହେବା ପରଠାରୁ ବୈଶିଙ୍ଗାରୁ ପଣଶିଆ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଶତାଧିକ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ବର୍ଷା ଜଳ ଜମି ରହିବା ଫଳରେ ବିଶେଷକରି ଦୁଇଚକିଆ ଓ ସାଇକେଲ ଚାଳକମାନେ ଖାଲ ଗୁଡ଼ିକୁ ଅନୁମାନ କରି ନପାରି ନିୟମିତ ଦୁର୍ଘଟଣାର ଶିକାର ହେଉଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଗତ ୩୦ ଦିନ ମଧ୍ୟରେ ଏହି ରାସ୍ତାରେ ୩୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟିସାରିଛି । ଏଥିରେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ କେତେକ କ୍ଷେତ୍ରରେ ପ୍ରାଣହାନି ମଧ୍ୟ ଘଟିଛି । ଅନ୍ୟପଟେ, ବୈଶିଙ୍ଗାରୁ ରୁପ୍ସା ପର୍ଯ୍ୟନ୍ତ ରାସ୍ତାର ବୈଶିଙ୍ଗା ସଂଲଗ୍ନ ଭାଗକୁ ୭ ମିଟରରୁ ୧୦ ମିଟର ପ୍ରଶସ୍ତ କରିବା ପାଇଁ ପ୍ରାୟ ୨୩ କୋଟି ଟଙ୍କାର ଏକ ନୂତନ ପ୍ରକଳ୍ପର ଶିଳାନ୍ୟାସ ହୋଇ ସାରିଛି । ମାତ୍ର ଅଭିଯୋଗ ହେଉଛି ଯେ, ନୂଆ ରାସ୍ତା ନିର୍ମାଣ କାମ ଆରମ୍ଭ ହେବା ପୂର୍ବରୁ ବର୍ତ୍ତମାନର ବିପଜ୍ଜନକ ରାସ୍ତାର ଜରୁରୀ ମରାମତି ପ୍ରତି ପୂର୍ତ୍ତ ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି । ଏହି ରାସ୍ତା ଦେଇ ପ୍ରତିଦିନ ଉଚ୍ଚ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଯାତାୟାତ କରୁଥିଲେ ସୁଦ୍ଧା ରାସ୍ତାର ଏହି ଦୟନୀୟ ଅବସ୍ଥା ଦୂର କରିବା ପାଇଁ କୌଣସି ପଦକ୍ଷେପ ନିଆନଯିବା ସାଧାରଣରେ ତୀବ୍ର କ୍ଷୋଭ ସୃଷ୍ଟି କରିଛି । ସୁରକ୍ଷିତ ଯାତାୟାତକୁ ଦୃଷ୍ଟିରେ ରଖି ସ୍ଥାନୀୟ ବାସିନ୍ଦା କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଛନ୍ତି ସେଗୁଡ଼ିକ ହେଲା ନୂଆ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପର୍ଯ୍ୟନ୍ତ ଜରୁରୀ ଭିତିରେ ରାସ୍ତାର ସମସ୍ତ ଖାଲଖମାକୁ ତୁରନ୍ତ ମରାମତି କରାଯାଉ । ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ସତର୍କ ସୂଚନା ବୋର୍ଡ ଓ ବିପଦ ସଙ୍କେତ ଲଗାଯାଉ । ୨୦୨୩ରେ ହୋଇଥିବା ନିମ୍ନମାନର ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସଂପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ବିକାଶ କେବଳ ଶିଳାନ୍ୟାସ ଓ ଟେଣ୍ଡର ପ୍ରକ୍ରିୟାରେ ସୀମିତ ନ ରହି ସାଧାରଣ ଲୋକଙ୍କ ଜୀବନ ଓ ସମ୍ପତିର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆ ଯାଉ ।

# ବାଣିଦାର ୨୦୦ ଓ ନାମ୍ପୋ ଗାଁର ୧୬ ପରିବାର ଜଳ ଘେରରେ

ଜଳେଶ୍ୱର(ନିପ୍ର): ଦୁଇଦିନ ଲଗାଣ ବର୍ଷାରେ ନାମ୍ପୋ ଓ ସୁଗୋ ପଂଚାୟତର ବାଣିଦା ଗାଁରେ କୃତିମ ବନ୍ୟାସୃଷ୍ଟି ହୋଇଛି । ବାଣାଦା ଗାଁର ୧୧, ୧୨ ଓ ୧୪ ନଂ ୱାର୍ଡ଼ ବିଶେଷ ପ୍ରଭାବିତ ହୋଇଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ଜଳ ଘେରରେ ରହିବା ସହିତ ଘର ଭିତିରେ ଆଣ୍ଠୁଏଁ ପାଣି ଭରିଯାଇଛି । ଲୋକେ ଟୋକ ଉପାସରେ ଅତି ଦୟନୀୟ ଅବସ୍ଥାରେ ଥିବାବେଳେ ତୁରନ୍ତ ପ୍ରସାଶନ ଲୋକଙ୍କୁ ସୁଖିଲାଖାଦ୍ୟ, ରନ୍ଧା ଖାଦ୍ୟ, ପଲିଥିନ୍ ଓ କ୍ଷତିପୂରଣ ଦେବାକୁ ବାମପନ୍ଥୀ ନେତା ପଲଟୁ ଦାସ, ସମାଜସେବୀ ଚ଼ନ୍ଦନ ମହାପାତ୍ର, ବିନୟ ମହାନ୍ତି ପ୍ରମୁଖ ସ୍ଥାନୀୟ ସରପଂଚ ଜୟନ୍ତୀ ପରିଡ଼ା, ସମିତିସଭ୍ୟା ଙ୍କ ପ୍ରତିନିଧି ସଞ୍ଜୟ କୁମାର ମହାନ୍ତି ଦାବୀ କରିଛନ୍ତି । ସେହିଭଳି ନାମ୍ପୀ ଗାଁର ବରହଣିଆ ପୋଖରୀରୁ ପାଣି ନିଷ୍କାସନ ହୋଇ ନ ପାରିବାରୁ ୧୬ ପରିବାର ପାଣିଘେରରରେ ରହିଛନ୍ତି । ସୁନୀଲ ଭୂୟାଁ, ସରୋଜ ପାତ୍ର, ଗୋବର୍ଦ୍ଧନ ରାଉଳ, ବାୟା ପାତ୍ର ପ୍ରମୁଖ ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ଆଜି ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ନାମ୍ପୋ ପାଇଡା ପୋଲ ଦେଇ ପାଣି ନିଷ୍କାସନର ହୋଉ ନଥିବାରୁ ବାଣିଦା ଓ ନାମ୍ପୋ ଗାଁର ଜଳମଗ୍ନ ଅଂଚଳକୁ ତହସିଲଦାର ଓ ବ୍ଲକ ଚେୟାରମେନ ମାନସ ଜେନା ବୁଲି ଦେଖିଛନ୍ତି ।

# ନୀଳଗିରି ଓ ଔପଦା ବ୍ଲକରେ ବନ୍ୟା ପରିସ୍ଥିତି ସଂଗୀନ: ଗ୍ରାମରେ ଦିଆଗଲା ରନ୍ଧା ଖାଦ୍ୟ

ନୀଳଗିରି(ନିପ୍ର): ଗତ ୨୭ତାରିଖ ସୋମବାର ମଧ ରାତ୍ରି ଠାରୁ ଲଗାଣ ବର୍ଷା ହେବାରୁ ବାଲେଶ୍ୱର ଜିଲ୍ଲା ନୀଳଗିରି ଦେଇ ବୋହି ଯାଇଥିବା ସୋନ ନଦୀ, କଲରା ନଈ, ଘାଘରା ନଈ, ଟାଙ୍ଗଣା ନଈ, କମଳା ନଈ, ବୁଗାଳି ବନ୍ଧ ରେ ବନ୍ୟା ଜଳ ଆସିବାରୁ ନଦୀ ସବୁ ଫୁଲି ଯାଇ କୂଳ ଲଙ୍ଘିବାରେ ଲାଗିଛି । ନୀଳଗିରି ବ୍ଲକ, ବେଗୁନିଆ ଗ୍ରାମ ପଂଚାୟତ ତୁଟାପଡା, ରାମଚନ୍ଦ୍ର ପୁର ନଈ ଛଣପୁର, ସଂଶକ୍ଷପାଳ, କୁସୁମପୁର, ଭକ୍ତାନନ୍ଦପୁର, ଡୁମଗଣ୍ଡିରା, ଦୋବାଟି, ନିଶଙ୍ଖ ପୁର, ମଚ୍ଛୁଆ ପଂଚାୟତ ସିଙ୍ଗିରି, କାଠ ପାଳ, କାଁଶ ପଂଚାୟତ ର କୁହ୍ଲାପାଳ, ନଡୁଆପାଳ, କରଞ୍ଜିଆ, ସଂଗ୍ରାମପୁର, ଅଯୋଧ ପଂଚାୟତ ର ବାଡ଼ିଆ, ଖସାପଡ଼ିଆ, ଜୁଣକୋଇଲି, ପ୍ରତାପ ପୁର, କରଞ୍ଜିଆ ଗାଁ ଜଳବନ୍ଦୀରେ ଅଛନ୍ତି । ନରସିଂପୁର ପଂଚାୟତ ର ବଇଁଚା, ନରଣପୁର, ଆଡ଼ିଆ ଖୁଂଟା, ପୁରୁଣା ଗାଁ, ପଳାଶ ବଣି, ତିନିଦେଶ, ନରସିଂପୁର, ଦୁର୍ଗାପୁର, ଅମ୍ବିକା ପୁର, ଆରକେ ପୁର ଗ୍ରାମ ପଂଚାୟତ ର କୁଲାଟ ବରମପୁର, ରାଧାକୀଶୋରପୁର, ପୁନ୍ଦାଳ, ସେମାନଙ୍କୁ ଉଦ୍ଧାର କରାଯାଇ ରନ୍ଧା ଖାଦ୍ୟ ବିତରଣ କରାଯାଇଛି । ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପୋଲିସ ପ୍ରଶାସନ ପହଂଚି କ୍ଷେତ୍ର ପରିଦର୍ଶନ କରିଥିବା ବେଳେ ଗୋଟିଏ ଓଡ୍ରାଫ ଟିମ ବାଡ଼ିଆ ଗ୍ରାମରେ ମୁତୟନ ହୋଇ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବାବେଳେ କାଂଶ ପଂଚାୟର ରେ ଏସଆରସି ଓ ଏଣ୍ଡିଆର ଟିମ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଠ୍ଵେ ଔପଦା ବ୍ଲକ ସମେତ ନୀଳଗିରି ଏନଏସି ରେ ବନ୍ୟା ପରିସ୍ଥିତି ସଂଗୀନ ହୋଇଛି । ବନ୍ୟା ପାଣି ନିଷ୍କାସନରେ ଅସୁବିଧା ହେବାରୁ ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା କଟାଯିବା ଫଳରେ ବିଛିନ୍ନାଂଚଳ ହୋଇଛି । ଠ୍ଵେ କେଉଁଝର-ନୀଳଗିରି ସାଳନ୍ଦୀ କେନାଲ ଭାଙ୍ଗି ଯିବାରୁ ନୀଳଗିରି-ବଉଳଗଡିଆ ସଂଯୋଗ ମୁଖ୍ୟ ରାସ୍ତା ତଥା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଅସ୍ତିଆ ଛକ ଠାରେ ରାସ୍ତା କଟାଯିବାରୁ ବିଛିନ୍ନାଂଚଳ ହୋଇ ଯାତାୟାତ ଠପ ହୋଇଛି । କାନ୍ଥିପଦା ରେ ମଧ ମୁଖ୍ୟ ରାସ୍ତା କଟାଯାଇଛି । ଉକ୍ତ କେନାଲ ପାଣି ରାଉଳଖୁଂଟା ଗାଁ ମହାଲିକ ସାହି ଓ ମଳିକ ସାହିରେ ଥିବା ୩୫ରୁ ଉର୍ଦ୍ଧ ଘରେ ବନ୍ୟା ପାଣି ପସି ଯାଇ କାନ୍ଥ ଭାଙ୍ଗିବା ସହିତ ସପରିବାର ବେଘର ହୋଇଛନ୍ତି । ଛୁଆ ପିଲାଙ୍କୁ ନେଇ ନିକଟ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବେଳେ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ନୀଳଗିରି ପୋଲିସ, ପ୍ରଶାସନ ପକ୍ଷରୁ ଔପଦା ତହସିଲଦାର, ଅତିରିକ୍ତ ତହସିଲଦାର, ସ୍ଥାନୀୟ ଦୁଇ ରାଜସ୍ୱ ନିରୀକ୍ଷକ, ଔପଦା ବ୍ଲକ୨ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟାଉଶାରାଣୀ ରାଉଳ, ସ୍ଥାନୀୟ ସରପଂଚ, ସମାଜ ସେବୀ, ଉଦ୍ଧାରକାରୀ ଦଳ ୨ ଟି ବୋଟ ନେଇ ପହଂଚି ଉଦ୍ଧାର କରିଥିବା ବେଳେ ଦମକଳ ବାହିନୀ ପହଂଚି ଜଳ ନିଷ୍କାସନ କରିଥିଲେ । ନୀଳଗିରି ଏନଏସି ରେ ମଧ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ନୀଳଗିରି ଏନଏସି ୧ ନମ୍ବର ୱାର୍ଡ଼ କଦମ ସାହି, ୨ ନମ୍ବର ୱାଡ ଘାଟଘରସାହି, ୩ ନମ୍ବର ୱାର୍ଡ଼ ଶାଳବନ୍ଧ, ଯାଉଁରୀ, ବେତଶୂଳ, ୪ ନମ୍ବର ୱାର୍ଡ଼ ମିରିଗିଣି, ଧଡ଼ା ସାହି, ୯ ଓ ୧୦ନମ୍ବର ୱାର୍ଡ଼ ଉପର କାହାଳିଆ ଓ ତଳ କାହାଳିଆ, ୧୧ ନମ୍ବର ୱାର୍ଡ଼ ବାଣପୁର, ୧୨ନମ୍ବର ୱାର୍ଡ଼ ରାଇଗାଁ, ଗର୍ଜନ ଓ ୧୩ନମ୍ବର ୱାର୍ଡ଼ ଗୋପୀନାଥପୁର ରେ ଜଳବନ୍ଦୀ ହୋଇ ଗ୍ରାମରେ ଥିବା ଘର ମାନଙ୍କରେ ପ୍ରାୟ ୪ଫୁଟ ଜଳ ପସି ଯିବାରୁ ଜଳବନ୍ଦୀରେ ଲୋକେ ରହିଥିଲେ । ନୀଳଗିରି ଏନଏସି୧ ନମ୍ବର ୱାର୍ଡ଼ କଦମ ସାହି ଛକରେ ଜଳ ନିଷ୍କାସନ ପାଇଁ ଶେରଗଡ଼-ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥ କଦମସାହି ଛକରେ ଦୁଇଟି ସ୍ଥାନରେ ରାସ୍ତା କଟା ଯାଇ ଜଳ ନିଷ୍କାସନ କରାଯାଇଥିଲା । ନୀଳଗିରି ଦମକଳ ବାହିନୀ ଘଟଣା ସ୍ଥଳରେ ରହି ପାଣି ପମ୍ପ ଲଗାଇ ଜଳ ନିଷ୍କାସନ କରିଥିଲେ । ୭ ନମ୍ବର ୱାର୍ଡ଼ ବାଲିଗୋହିରି ଓଲଡ଼ଙ୍ଗ ଛକ ନିକଟ ଦାସ ସାହି ରେ ମୁଖ୍ୟ ରାସ୍ତା କଟାଯାଇ ଜଳ ନିଷ୍କାସନ କରାଯାଇ ଥିବା ବେଳେ ଯାତାୟାତ ରେ ସମ୍ମୁଖୀନ ହେବାକୁ ପଡିଥିଲା । ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ଶୁଭଶ୍ରୀ ଜେନା, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଡବ୍ଲୁଇଓ ଶୈଳେନ୍ଦ୍ର କୁମାର ଶତପଥି, ଅତିରିକ୍ତ ତହସିଲଦାର ପ୍ରଦୀପ ଦାସ, ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଗୃହ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଇଂ ଶ୍ରୀନିବାସ ଜେନା, ସଦର ଆରଆଇ, ସଜନାଗଡ଼ ଆରଆଇ, ମିତ୍ରପୁ ର ଆରଆଇ, କାଂଶ ଆରଆଇ, ସନ୍ତରଗଡ଼ିଆ ଆରଆଇ, ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ଫେରିଥିବା ବେଳେ ରିଲିଫ କାର୍ଯ୍ୟ ଜାରି ରହିଛି । ଏହି ବନ୍ୟା ପରିସ୍ଥିତି ପାଇଁ ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟା ଜଳ ମାଡି ଯିବାରୁ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏନେଇ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି । ତୁରନ୍ତ ସହାୟତା ରଶି ପ୍ରଦାନ ପାଇଁ ପ୍ରଶାସନ ପାଖରେ ଅଂଚଳ ବାସୀ ଦାବୀ କରିଛନ୍ତି ।

# 'ଆଶା' ପକ୍ଷରୁ ଜନସଚେତନତା ବାର୍ତ୍ତା ଦୁର୍ନୀତି ଲୋପ ପାଇଁ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର: ସମ୍ବିଧାନର ପ୍ରତିଷ୍ଠାତା ଭୀମରାଓ ଆମ୍ବେଦକର ଆଜି ଦେଶବାସୀଙ୍କୁ ଯେଉଁ ଅଧିକାର ଦେଇଛନ୍ତି 'ଗୋଟିଏ ମଣିଷ, ଗୋଟିଏ ଭୋଟ', ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ଶକ୍ତିଶାଳୀ ଅସ୍ତ୍ର । ଏହାରି ମାଧ୍ୟମରେ ସେମାନେ ଚାହିଁଲେ ଦୁର୍ନୀତିଗ୍ରସ୍ତ ସରକାରଙ୍କୁ ବଦଳାଇ ଦେଇପାରିବେ । କିନ୍ତୁ ଆଜି ଆମେ ସଂଗଠିତ ନହେବାରୁ ରାଜ୍ୟ ତଥା ଦେଶର ଶାସନ ଓ ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ବଢିଚାଲିଛି । ଯୋଗ୍ୟ ଲୋକମାନେ ତାଙ୍କ ଅଧିକାର ପାଇବାରୁ ବ□ିତ ହେଉଛନ୍ତି । ଆଜି ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସମାଜରେ ଲୋକଙ୍କ ଭିତରେ ଧନୀ, ଗରିବ, ଅସମାନତା ବଢିଚାଲିଛି । ଫଳରେ ଆଜି ଶିକ୍ଷିତବର୍ଗ ଚାକିରି ପାଇବାରୁ ବ□ିତ ହେଉଛନ୍ତି । ନିଜ ଅଧିକାର ପାଇବା ପାଇଁ ସମାଜରେ ଅବହେଳିତ ହୋଇ ରହିଥିବା ଓବିସି, ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ସଂଖ୍ୟାଲଘୁ ବ୍ୟକ୍ତିମାନେ ସଂଗଠିତ ହୋଇ ସମାଜରେ ସ୍ୱର ଉ□ୋଳନ କରିବାର ସମୟ ଆସିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ଦଳିତନେତା ତଥା 'ଆଶା'ର ପରାମର୍ଶଦାତା ଭଜମନ ବେହେରା ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ପ୍ରଶାସକ ବିଜୟ କୁମାର ପଟ୍ଟନାୟକ ମତପ୍ରକାଶ କରିଛନ୍ତି । ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ପକ୍ଷରୁ ବୁଧବାର ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ଓ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସରକାର ସାମାଜିକ, ଆର୍ଥିକ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି । ସମାଜର ତଳସ୍ତରର ଲୋକଙ୍କ ନିକଟରେ ସରକାରଙ୍କ ଯୋଜନା ଓ ବିଭିନ୍ନ ସୁବିଧା ସୁଯୋଗ ଠିକ ଭାବରେ ପହ□ି ପାରୁନାହିଁ । କେବଳ ଗଣମାଧ୍ୟମ ଲୋକଙ୍କ ପାଇଁ ସ୍ୱର ଉ□ୋଳନ କରୁଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରୁ ନାହିଁ । ତେଣୁ ଲୋକମାନେ ଏଥିପ୍ରତି ସଚେତନ ହେବା ସହ ନିଜର ଭୋଟ ଭଳି ଶକ୍ତିଶାଳୀ ଅସ୍ତ୍ରକୁ ସଠିକ୍ ବ୍ୟକ୍ତିତ୍ୱକୁ ଚୟନ କଲେ ତାହା ଫଳପ୍ରଦ ହୋଇପାରିବ । ସେମାନେ କହିଲେ ଯେ, ବ□ମାନ ସମୟ ଆସିଛି ଲୋକମାନେ ତାଙ୍କ ଭୋଟ ଅଧିକାରକୁ ନେଇ ସଚେତନ ହେବା ଦରକାର । କୌଣସି ଅର୍ଥଲୋଭ କିମ୍ବା ଚାପର ବଶବର୍ତ୍ତୀ ନହୋଇ ସ୍ୱଚ୍ଛ, ସଚ୍ଚୋଟ ଓ ନିର୍ମଳ ବ୍ୟକ୍ତିବିଶେଷଙ୍କୁ ଭୋଟ ଦେଲେ ଶାସନ ପ୍ରକ୍ରିୟା ଠିକ୍ ଭାବରେ ଚାଲିବା ସହିତ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି କହିଥିଲେ । ଆଶା ସଂଗଠନର ସଭାପତି ମୁରଲୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ବାହିନୀ ଅଧ୍ୟକ୍ଷା କମଳିନୀ ପାଟ୍ଟଶାଣୀ, ଅନୁଷ୍ଠାନର ପରାମର୍ଶଦାତା ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପ୍ରଶାସକ ରସିଦ ଖାନ୍, ଯୁବ ବାହିନୀ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ସ୍ୱାଇଁ, ମହିଳା ବାହିନୀର ସାଧାରଣ ସମ୍ପାଦିକା ସୂର୍ଯ୍ୟକାନ୍ତି ନାୟକ, ଆମ୍ବେଦକରବାଦୀ ନେତା ଅବଦୁଲ ୱାଲି, ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜକିଶୋର ମହାରଣା, ସୁକାନ୍ତ ତିଆଡି ଓ ତୁଷାରକାନ୍ତି ଚୌଧୁରୀ ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରକୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସ୍ଥାନିତ କରିବା ସହିତ ତାଙ୍କର ଜୀବନୀ ଦର୍ଶନକୁ ପାଠ୍ୟ ପୁସ୍ତକରେ ସାମିଲ୍ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ।

# ବ୍ଲକ କଂଗ୍ରେସ କମିଟି ବୈଠକରେ ଏସଆଇଆର ସମ୍ପର୍କିତ ଆଲୋଚନା



ଖଇରା (ନି ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କମିଟିର ଏକ ବୈଠକ ବୁଧବାର ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସଭାପତି ବସନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସଆଇଆର ବା ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲ । ଯେଉଁଭଳି କୌଣସୀ ଯୋଗ୍ୟବ୍ୟକ୍ତି ତାଲିକାରୁ ବାଦ ନପଡନ୍ତି ସେଥିପାଇଁ ବୁଥସ୍ତରୀୟ କର୍ମୀ ମାନେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିଲା । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ ସୁବ୍ରତ ଧଡା, ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶରତ ଦାସ ପ୍ରମୁଖ ଉପସ୍ଥିତ ରହି ଏସଆଇଆର ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଭିନ୍ନ ପଂଚାୟତରୁ ଆସିଥିବା କଂଗ୍ରେସ କର୍ମୀ ଦାମୋଦର ବେହେରା, ସିତୁ ପଟ୍ଟନାୟକ, ପ୍ରଫୁଲ୍ଲ ବଳବନ୍ତରାୟ, ତପନ ଦାସ, ଗଦାଧର ଡିଆବାଗ, ମଧୁସୂଦନ ଜେନା, ପ୍ରମୋଦ ମହାପାତ୍ର, ସଞ୍ଜୟ କୁମାର ଦଳେଇ ଙ୍କ ଉପସ୍ଥିତିରେ ବୁଥସ୍ତରର କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

# ନଳିନୀକାନ୍ତ ମହାନ୍ତିଙ୍କ ସ୍ମୃତିରେ ମେଗା ରକ୍ତଦାନ ଶିବିର



କଟକ: (ନି. ପ୍ର.) ସ୍ୱର୍ଗତଃ ନଳିନୀକାନ୍ତ ମହାନ୍ତିଙ୍କ ସ୍ନେହପୂର୍ଣ୍ଣ ସ୍ମୃତିରେ କଟକର ଟାଉନ ହଲରେ ୧୭୦ ମୂଲ୍ୟବାନ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ନଳିନୀମହାନ୍ତିଙ୍କ ପୁତ୍ର ଶ୍ରୀ ଆଶିଷ କୁମାର ମହାନ୍ତି ନେତୃତ୍ୱ ନେଇ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ନେତା ଶ୍ରୀ ଲଲାଟେନ୍ଦୁ ବଡୁ ସମେତ ବହୁ ବରିଷ୍ଠ ଓ ବିଶିଷ୍ଟ ନେତା ଓ ବୁଦ୍ଧିଜିବୀ ଯୋଗଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଦାନ କରାଯାଇଥିବା ପ୍ରତ୍ୟେକ ୟୁନିଟ୍ ଆଶା, କରୁଣା ଏବଂ ଅଗଣିତ ଜୀବନ ରକ୍ଷା କରିବାର ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ । କଟକର ଏସ ସି ବି ମେଡିକାଲ କଲେଜର ଟ୍ରାନ୍ସଫ୍ୟୁଜନ ମେଡିସିନ୍ ଏବଂ ରକ୍ତ କେନ୍ଦ୍ର ବିଭାଗରୁ ପ୍ରଶଂସା ଓ ପ୍ରମାଣପତ୍ର ସମସ୍ତ ରକ୍ତଦାତା ମାନଙ୍କୁ ଦିଆ ଯାଇଥିଲା ।

# ଦୁର୍ଘଟଣାରେ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ

ନୀଳଗିରି(ନିପ୍ର): ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଡ୍ୟୁଟି ସାରି କ୍ୱାଟରକୁ ବାଇକ ଯୋଗେ ଫେରୁଥିବା ବେଳେ ଏକ ଅଜଣା କାର ସାମ୍ନାସାମ୍ନି ଧକ୍କା ଦେବାରୁ ଜୈନିକ ଯୁବକ ଙ୍କର ମୁଣ୍ଡରେ ମାଡ ହୋଇ ସଂଜ୍ଞାହୀନ ହୋଇ ଯାଇଥିଲେ । ପରେ ପ୍ରାୟ ଦେଢ଼ ମାସ ଚିକିତ୍ସା ହେଉଥିବା ବେଳେ ଗତକାଲି ତାଙ୍କର ମୃତ୍ୟୁ ଘଟିଛି । ବିବରଣୀ ଅନୁଯାଇ ନୀଳଗିରି ଏନଏସି ୭ନମ୍ବର ୱାଡ଼ ବାଲିଗୋହିରି ଗ୍ରାମର ସ୍ୱର୍ଗତ ଅନନ୍ତ ମହାପାତ୍ର ଙ୍କ ସାନ ପୁଅ କାହ୍ନୁଚରଣ ମହାପାତ୍ର (୩୫) । ଚିକିତ୍ସାର ୧୫ଦିନ ପରେ ତାଙ୍କ ବଡ ଭାଇ ସଂଜୀବ କାହ୍ନୁ କୁ କଟକ ମେଡିକାଲର ଆଇସିୟୁରେ ଚିକିତ୍ସିତ ହେଉଥିଲେ । ଦ୍ୱେ ପ୍ରାୟ ଦେଢ଼ ମାସ ଚିକିତ୍ସାଧିନ ଅବସ୍ଥାରେ ୨୮ ତାରିଖ ସକାଳ ୯ ଘଟିକା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଜଣେ ମେଳାପି, ଧର୍ମପରାୟଣ, ମିଷ୍ଟଭାସି, ପରୋପକାରୀ ସ୍ୱଭାବର ଯୁବକ ଥିବାରୁ ତାଙ୍କର ମୃତ୍ୟୁରେ ନୀଳଗିରି ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପାର୍ଥିବ ଶରୀର ରାତି ପ୍ରାୟ ୯ ଘଟିକା ସମୟରେ ଜନ୍ମ ମାଟିରେ ପହଂଚିବା ପରେ ଶୋକାକୋଳ ପରିବେଶରେ ବରିସାହି ସ୍ଥିତ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ୫ ବର୍ଷର ଏକ ପୁତ୍ର ସନ୍ତାନ ଥିବା ଜଣାପଡ଼ିଛି ।

# ହ-କଟାପାଳି ହକି ଟର୍ଫ ଷ୍ଟାଡ଼ିୟମ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା (ନିପ୍ର): ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଆଜି ହ-କଟାପାଳି ସ୍ଥିତ ଆର୍ନ୍ତାଜାତୀୟ ମାନର ୱାଟର ବେସ ହକି ଟର୍ଫ ପଡିଆ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ସେ ଟର୍ଫର ଭିତିଭୂମି, ରକ୍ଷଣାବେକ୍ଷଣ ବ୍ୟବସ୍ଥା ଖେଳାଳିଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ଚାଲିଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଚହ୍ୱାଣ ସମ୍ପୃକ୍ତ ଅଧିକାରୀମାନଙ୍କୁ ହକି ଟର୍ଫର ସଠିକ ରକ୍ଷଣାବେକ୍ଷଣ । ଆବଶ୍ୟକୀୟ ସୁବିଧାର ଉନ୍ନତି ଏବଂ ଖେଳାଳି ମାନଙ୍କ ଉତମ ଅଭ୍ୟାସ ପରିବେଶ ଯୋଗାଇବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ହକି ଟର୍ଫର ନିର୍ମାଣ କାର୍ଯ୍ୟ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ତୁରନ୍ତ କାର୍ଯ୍ୟ ସମ୍ପୁର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଝାରସୁଗୁଡ଼ାକୁ ରାଜ୍ୟର ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ଗଢି ତୋଳିବା ଦିଗରେ ଜିଲ୍ଲା ପ୍ରଶାସନ ସଦା ପ୍ରତିବଦ୍ଧ ବୋଲି ପ୍ରକାଶ କରିଥିଲେ । ପରିଦର୍ଶନ ସମୟରେ କ୍ରୀଡ଼ା ବିଭାଗର ଅଧିକାରୀ ଓ ହକି କୋଚ ସକୁନ୍ଦ ନାଏକ, ପ୍ରଫୁଲ୍ଲ କୁଲୁ ଓ ଡ଼ିଫୋର ଟେଟେ ଉପସ୍ଥିତ ରହି ଟର୍ଫ କାର୍ଯ୍ୟର ପରିଚାଳନା ଏବଂ ବିଭିନ୍ନ ସୁବିଧା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ।

# ଜଳେଶ୍ୱର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ହେପାଟାଇଟିସ୍ ଦିବସ ଆଜି ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ମୋହନ ଲାଲ ମହାନ୍ତି ପୌରହିତ୍ୟ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ ନିରୁପମା ମୁଖୀ,ମାଳତୀ ବେହେରା ଓ ସୁବର୍ଣ୍ଣ ରାଉତ ଏବଂ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସିଦ୍ଧେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଖାଦ୍ୟ, ପାଣି ଓ ମାଦକ ଦ୍ରବ୍ୟ ସେବନ ଏହି ରୋଗ ହୋଇଥାଏ ବୋଲି ମତ ରଖିଥିଲେ । ସାଧାରଣତଃ ୫ ପ୍ରକାରର ଭୂତାଣୁ ଏ.ବି.ସି.ଡି ଓ ଏହି ରୋଗରେ ଦେଖାଯାଏ ।ସ୍ୱଚ୍ଛତା, ବିଶୁଦ୍ଧ ଖାଦ୍ୟ ଓ ପାନୀୟ ଜଳ ସହିତ ରକ୍ତ ସଂକ୍ରମଣ ପ୍ରତି ସଚେତନ ଏହି ରୋଗକୁ ରୋକା ଯାଇ ପାରିବ ବୋଲି ଡାକ୍ତର ମହାନ୍ତି ସେକ୍ଟର ଆଶା କର୍ମୀ ଓ ଉପସ୍ଥିତ ୪୩ ଜଣ ରୋଗୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରି ଏହି ଭଳି ମାରାତ୍ମକ ରୋଗର ଲକ୍ଷଣ, ଚିକିତ୍ସା ଓ ପରୀକ୍ଷଣ ଉପରେ ଆଲୋକପାତ କରିଥିଲେ ।ଶେଷରେ ସି. ଏଚ୍.ଓ ତନୁଶ୍ରୀ ମହାରଣା ନିଜର ଅଭିଜ୍ଞତା ବର୍ଣ୍ଣନା କରିବା ପରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, Odisha dated 15.07.2026 I, Sanjib Kumar Bhanj Deo, S/o-Sangram Keshari Bhanj Deo, resident of Village-Babusahi, Po- Baripada, Ps- Baripada Town, Pin-757001, Odisha declare that I have changed my name from Sanjib Ku. Bhanjadeo to Sanjib Kumar Bhanj Deo. Henceforth, I shall be known as Sanjib Kumar Bhanj Deo for all purposes.

Sd/-
Sanjib Kumar Bhanj Deo

# ଗଞ୍ଜାମକୁ ଏକ ନମ୍ବର 'ଅପପୁଷ୍ଟି ମୁକ୍ତ' ଜିଲ୍ଲାରେ ପରିଣତ କରିବାକୁ ଅଙ୍ଗନୱାଡ଼ି କର୍ମୀଙ୍କ ସଂକଳ୍ପ



ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି । ଆଜି ଗଂଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଅଙ୍ଗନୱାଡି କର୍ମୀ ମାନଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସିଧାସଳଖ ବାର୍ତ୍ତାଳାପକରି ସେମାନଙ୍କ ସମସ୍ୟା ଶୁଣିବା ସହିତ ଗଠନମୂଳକ ପରାମର୍ଶ ନେଇଥିଲେ । ଗଞ୍ଜାମକୁ ଏକ ନମ୍ବର 'ଅପପୁଷ୍ଟି ମୁକ୍ତ' ଜିଲ୍ଲାରେ ପରିଣତ କରିବାକୁ ସେ ଅଙ୍ଗନୱାଡି କର୍ମୀ ମାନଙ୍କୁ ସଂକଳ୍ପ କରାଇଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଅଙ୍ଗନୱାଡ଼ି କର୍ମୀଙ୍କ ନିଷ୍ଠାକୁ ପ୍ରଶଂସା କରି କହିଥିଲେ ଯେ ସେମାନଙ୍କ ଉଦ୍ୟମ ଯୋଗୁଁ କେବଳ ଗଞ୍ଜାମ ଜିଲ୍ଲାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା 'ସୁଭଦ୍ରା ଯୋଜନା'ର ଲାଭ ପାଇପାରିଛନ୍ତି । ଏହି ପରିଶ୍ରମ ପାଇଁ ସରକାର ୧୫୦୦ ଟଙ୍କାର ପ୍ରୋତ୍ସାହନ ରାଶି ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପ୍ରଦାନ କରୁଛନ୍ତି ଏବଂ ଭବିଷ୍ୟତରେ ଆହୁରି ଉତମ କାର୍ଯ୍ୟ କଲେ ଅଧିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ । କୋମଳ ଶିଶୁକୁ ପିତାମାତାମାନେ ଅଙ୍ଗନୱାଡ଼ି ଦିଦିଙ୍କ ଭରସାରେ ଛାଡୁଥିବାରୁ, ସେମାନେ କେବଳ ସ୍ୱେଚ୍ଛାସେବୀ ନୁହଁନ୍ତି ବରଂ ଦେଶର ଭବିଷ୍ୟତ ନିର୍ମାତା ବୋଲି ସେ କହିଥିଲେ । ରାଜ୍ୟକୁ କୁପୋଷଣ ମୁକ୍ତ କରିବା ସରକାରଙ୍କ ଏକ ପ୍ରମୁଖ ଲକ୍ଷ୍ୟ । ତେଣୁ ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତା ଖରାପ ମନେହେଲେ ତାହାକୁ ପ୍ରତ୍ୟାଖ୍ୟାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । କେନ୍ଦ୍ରଗୁଡ଼ିକରେ ଥିବା ଅଚଳ ଓଜନ ଓ ଉଚ୍ଚତା ମାପକ ଯନ୍ତ୍ର ଶୀଘ୍ର ବଦଳାଯିବା ସହ ପାନୀୟ ଜଳ, ବିଦ୍ୟୁତ୍, ପାଚେରୀ ଏବଂ ଶୌଚାଳୟ ଭଳି ମୌଳିକ ସମସ୍ୟା ଯେତେଶୀଘ୍ର ସମ୍ଭବ ସେତେ ଶୀଘ୍ର ଦୂର କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ସେ କହିଥିଲେ ।ଉପମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ହିମୋଗ୍ଲୋବିନ୍ ସ୍ତରର ନିୟମିତ ଅନୁଧ୍ୟାନ ଉପରେ ଗୁରୁତ୍ୱ ଦେବା ସହ ମା'ମାନଙ୍କ ଶାରୀରିକ-ମାନସିକ ସୁସ୍ଥତା ପାଇଁ ସବୁ କେନ୍ଦ୍ରରେ ପ୍ରତିଦିନ ୧୫ ମିନିଟ୍ ଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି । କର୍ମୀମାନଙ୍କ ମୋବାଇଲ୍ ରିଚାର୍ଜ ଓ ଇଂଟରନେଟ୍ ସମସ୍ୟାର ସମାଧାନ ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ବର୍ଦ୍ଧିତ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ କାହା ସହ କୌଣସି 'ଓଟିପି' ସେୟାର ନ କରିବାକୁ ସେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସତର୍କ କରାଇଥିଲେ । ସମାଜର ଅସହାୟ, ବିଧବା ଓ ଏକାକୀ ମହିଳାଙ୍କୁ ଚିହ୍ନଟ କରି ସରକାରୀ ଯୋଜନାରେ ସାମିଲ କରିବା ଆମ ସମସ୍ତଙ୍କର ଉତରଦାୟିତ୍ୱ । ପ୍ରଶାସନିକ ସ୍ୱଚ୍ଛତା ପାଇଁ ୨/୩ ମାସ ବ୍ୟବଧାନରେ ସେ ନିଜେ କର୍ମୀଙ୍କ ସହ ସିଧାସଳଖ ଆଲୋଚନା କରିବେ ବୋଲି କହିଥିଲେ । ବିଗତ ୨୫ ବର୍ଷର କୁପୋଷଣ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ 'ଟାର୍ଗେଟେଡ୍ ଟ୍ରାନ୍ସଫର୍ମେସନ୍' ଅଧୀନରେ ଦୁର୍ବଳ କାର୍ଯ୍ୟଦକ୍ଷତା ଥିବା କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରାଯାଇ ସେଗୁଡ଼ିକର କାୟାକଳ୍ପ ପରିବର୍ତ୍ତନ କରାଯାଉଛି । ପ୍ରତ୍ୟେକ ବରିଷ୍ଠ ଅଧିକାରୀଙ୍କୁ ଗୋଟିଏ ଗୋଟିଏ କେନ୍ଦ୍ରର 'ପୋଷଣ ଅଭିଭାବକ' ଭାବେ ଦାୟିତ୍ୱ ଦିଆଯାଇଛି, ଯେଉଁମାନେ ସିଧାସଳଖ ସେଗୁଡିକର ତଦାରଖ କରିବେ । ସୁପରଭାଇଜର ପଦବୀ ପୂରଣ ସହ ମନିଟରିଂ କଡ଼ାକଡ଼ି କରାଯାଉଛି । କେବଳ ଖାଦ୍ୟ ନୁହେଁ, ଶିଶୁର ପ୍ରାଥମିକ ଶିକ୍ଷା ଓ ପରିମଳ ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ଏହାଛଡ଼ା 'ଅଦ୍ୱିକା' କାର୍ଯ୍ୟକ୍ରମ ଜରିଆରେ କିଶୋର-କିଶୋରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଅନଲାଇନ୍ ନିରାପତା ସମସ୍ୟାର ସମାଧାନ ମଧ୍ୟ କରାଯାଉଛି । ୨୦୩୬ ମସିହା ସୁଦ୍ଧା ଏକ 'ବିକଶିତ ଓଡ଼ିଶା' ଏବଂ 'ସୁପୋଷିତ ଓଡ଼ିଶା' ଗଠନ ପାଇଁ ଅଙ୍ଗନୱାଡ଼ି କର୍ମୀମାନେ ନିଷ୍ଠାର ସହ କାମ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗର କମିସନର ତଥା ଶାସନ ସଚିବ ମୃଣାଳିନୀ ଦର୍ଶ୍ୱଲ୍, ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜର ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ଅଙ୍ଗନୱାଡ଼ି କର୍ମୀଙ୍କ ନିଷ୍ଠା ଓ ପରିଶ୍ରମର ଉଚ୍ଚପ୍ରଶଂସା କରିବା ସହିତ ଜିଲ୍ଲା ତଥା ରାଜ୍ୟରୁ କୁପୋଷଣ ଦୁରକରିବାରେ ଅଙ୍ଗନୱାଡ଼ିକର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାଇତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ । ଅଙ୍ଗନୱାଡ଼ି କର୍ମୀମାନଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସରକାର ସଦା ତତ୍ପର ବୋଲି ସେମାନେ କହିଥିଲେ । ବୈଠକର ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ ୱି. କୀର୍ତ୍ତି ୱାସନ୍ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସରକାର ଓ ସମାଜ ମଧ୍ୟରେ ଥିବା 'ମୁଖ୍ୟ ସେତୁ' ବୋଲି ଅଭିହିତ କରିଥିଲେ । ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବାରେ ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ସେ ପ୍ରକାଶ କରିଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ସାକାର କରି ଗଞ୍ଜାମକୁ ସମ୍ପୂର୍ଣ୍ଣ ରୂପେ 'ଅପପୁଷ୍ଟି ମୁକ୍ତ' କରିବା ସହ ରାଜ୍ୟର ଏକ ନମ୍ବର ଜିଲ୍ଲାରେ ପରିଣତ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଗର୍ଭବତୀ ମହିଳା, କିଶୋରୀ ଏବଂ ୧ ରୁ ୫ ବର୍ଷର ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ମାଧ୍ୟମରେ ଜିଲ୍ଲାରେ ଯେପରି କୌଣସି ଗୋଟିଏ ବି ଶିଶୁ ଖର୍ବକାୟ ବା କୃଶକାୟ ନ ରୁହନ୍ତି, ସେ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସମ୍ମିଳନୀ ରେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ବିଷୟରେ ସଚେତନତା ପାଇଁ ଏକ ଅଭିନୟର ପ୍ରଦର୍ଶନ କରା ଯାଇଥିଲା । ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀଙ୍କ ସହିତ ସିଡ଼ିପିଓ ଓ ସୁପରଭାଇଜରମାନେ ଯୋଗ ଦେଇଥିଲେ ।

# ମହାପ୍ରଭୁଙ୍କ କୃପାରୁ ସୁରୁଖୁରୁରେ ସରିଲା ରଥଯାତ୍ରା, ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, : ରଥଯାତ୍ରାର ସଫଳ ସମାପନ ପରେ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ । ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଜଡ଼ିତ ଓଡ଼ିଶାର ସବୁଠାରୁ ବଡ଼ ଏବଂ ମହତ୍ୱପୂର୍ଣ୍ଣ ପର୍ବ ରଥଯାତ୍ରାର ସଫଳ ସମାପନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସମସ୍ତ ଜଗନ୍ନାଥ ପ୍ରେମୀ, ସେବାୟତ, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଏହି ପବିତ୍ର କାର୍ଯ୍ୟ ସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରୀଜଗନ୍ନାଥ ଧାମ, ପୁରୀରେ ଜଗନ୍ନାଥପ୍ରେମୀଙ୍କ ଅଭୂତପୂର୍ବ ସମାଗମ ହୋଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ଶ୍ରଦ୍ଧା ସହିତ ସେବାୟତମାନେ ସମାପ୍ତ କରିଥିଲେ । ପାଗର ପ୍ରତିକୂଳ ପ୍ରଭାବ ଯୋଗୁଁ, ସାମାନ୍ୟ ବିଳମ୍ବ ହୋଇଥିଲେ ମଧ, ନବଯୌବନ ଦର୍ଶନଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ମହାପ୍ରଭୁଙ୍କ ସେବାୟତମାନେ ଶ୍ରଦ୍ଧା ଓ ଭକ୍ତି ସହିତ ସମସ୍ତ ନୀତିକାନ୍ତି କରିଥିଲେ । ଏଥିପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡ଼ିତ ସମସ୍ତ ସେବାୟତ ବନ୍ଧୁମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି । ଏହି ନବଦିନ ବ୍ୟାପୀ ଘୋଷଯାତ୍ରାକୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ଶୃଙ୍ଖଳିତ କରିବାରେ ଓଡ଼ିଶା ପୁଲିସର ଏକ ମହତ୍ୱପୂର୍ଣ୍ଣ ଭୂମିକା ଅଛି । ସାଢ଼େ ୧୩ ହଜାରରୁ ବି ଅଧିକ ପୁଲିସ ବଳ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷା ଓ ସେବା ଯୋଗାଇ ଦେଇଥିଲେ ।

# ସ୍ନାତକ ଆଡ଼ମିଶନ ପାଇଁ ତୃତୀୟ ମେଧା ତାଲିକା ପ୍ରକାଶିତ

ଭୁବନେଶ୍ୱର : ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ତୃତୀୟ ମେଧା ତାଲିକା ବୁଧବାର ପ୍ରକାଶିତ ହୋଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ପ୍ରକାଶିତ ହୋଇଥିବା ତୃତୀୟ ମେଧା ତାଲିକାରେ ୫୩,୬୫୬ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି । ୨୧,୮୭୯ ଜଣ ପୁରୁଷ, ୩୧,୭୭୩ ଜଣ ମହିଳା ଏବଂ ୪ ଜଣ ଟ୍ରାନ୍ସଜେଣ୍ଡର ତୃତୀୟ ମେଧା ତାଲିକାରେ ଚୟନ ହୋଇଛନ୍ତି । ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସର୍ବମୋଟ ୨,୮୭,୫୧୯ଟି ସିଟ୍ ରହିଛି । ସ୍ନାତକ ପାଠ୍ୟକ୍ରମ ଫେଜ-୧ ଆଡ଼ମିଶନରେ ୨,୮୭,୫୧୯ଟି ସିଟ୍ ପାଇଁ ୨,୩୭,୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ପ୍ରଥମ ମେଧା ତାଲିକା ପ୍ରକାଶିତ ହେବା ପରେ ୮୮,୪୮୦ଜଣ ଛାତ୍ରଛାତ୍ରୀ ଏବଂ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବା ପରେ ୩୦,୧୫୦ ଜଣ ଛାତ୍ରଛାତ୍ରୀ ଆଡ଼ମିଶନ ନେଇଛନ୍ତି ।

# ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର :ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ- ଉତର ଓଡ଼ିଶା ଉପକୂଳ ସଂଲଗ୍ନ ଅଂଚଳରେ ସକ୍ରିୟ ଥିବା ଗଭୀର ଅବପାତ ଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ପ୍ରାୟ ୩ କିଲୋମିଟର ବେଗରେ ଧୀରେ ଧୀରେ ଉତର ଦିଗକୁ ଗତି କରିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ତଥ୍ୟ ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୧ଟା ୩୦ ସୁଦ୍ଧା ଏହାର କେନ୍ଦ୍ର ୨୧.୫ ଡିଗ୍ରୀ ଉତର ଅକ୍ଷାଂଶ ଏବଂ ୮୮.୧ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା । ଏହା ସାଗର ଦ୍ୱୀପରୁ ପ୍ରାୟ ୨୦ କି.ମି. ଦକ୍ଷିଣ-ଦକ୍ଷିଣପୂର୍ବ, ଦୀଘାରୁ ୬୦ କି.ମି. ପୂର୍ବ-ଦକ୍ଷିଣପୂର୍ବ, ଡାଇମଣ୍ଡ ହାର୍ବରରୁ ୮୦ କି.ମି. ଦକ୍ଷିଣ-ଦକ୍ଷିଣ ପଶ୍ଚିମ, କ୍ୟାନିଂରୁ ୧୦୦ କି.ମି. ଦକ୍ଷିଣ-ପଶ୍ଚିମ ଏବଂ ବାଲେଶ୍ୱରରୁ ୧୨୦ କି.ମି. ପୂର୍ବରେ ରହିଥିଲା । ତେବେ ଗଭୀର ଅବପାତ ଉତର ଦିଗକୁ ଗତି କରି ସାଗର ଦ୍ୱୀପ ନିକଟ ଦେଇ ବାଲେଶ୍ୱର ଓ କ୍ୟାନିଂ ମଧ୍ୟରେ ହଳଦିଆ ନିକଟରେ ପଶ୍ଚିମବଙ୍ଗ-ଉତର ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।





# ଜାପାନ ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିଦଳଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଲେ ମୁଖ୍ୟଶାସନ ସଚିବ



ଭୁବନେଶ୍ୱର,: ଓଡ଼ିଶା ଓ ଜାପାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ଜାପାନ ତତୋରି ପ୍ରଦେଶ ର ମୁଖ୍ୟ ଶାସନ ସଚିବ ଶ୍ରୀ ତୋଶିକି ଏଣ୍ଡୋଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୧୩ ଜଣିଆ ପ୍ରତିନିଧି ଦଳଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ । ଏହି ବୈଠକରେ ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମାନବ ସମ୍ବଳ, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି, ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ଦୀର୍ଘମିଆଦି ସହଯୋଗ ସଂପର୍କରେ ବିଭିନ୍ନ ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୈଠକରେ ଯୋଗଦେଇଥିବା ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିମାନଙ୍କୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟିକ ପରମ୍ପରା ଓ ବୌଦ୍ଧ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଓଡ଼ିଶା ଓ ଜାପାନ ମଧ୍ୟରେ ଶତାବ୍ଦୀ ପୁରୁଣା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଆସିଛି । ଉଭୟ ଦେଶ ମଧ୍ୟରେ ବଢୁଥିବା ବାଣିଜ୍ୟିକ ସମ୍ପର୍କ ସମ୍ବନ୍ଧରେ ଉଲ୍ଲେଖ କରି ସେ ଜାପାନର କମ୍ପାନୀମାନଙ୍କୁ ଓଡ଼ିଶାରେ ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ଗବେଷଣା, ଦକ୍ଷତା ବିକାଶ, 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ, ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିର ବିକାଶ, ନୀଳ ଅର୍ଥନୀତି କ୍ଷେତ୍ରରେ ଦୂର ଓ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସଦୁପଯୋଗକୁ ପ୍ରୋତ୍ସାହନ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ କ୍ଷେତ୍ର ଆଦିରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ଓଡ଼ିଶାର ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଜାପାନର ଉନ୍ନତ ପ୍ରଯୁକ୍ତି ବିଦ୍ୟା, ନିର୍ଭୁଲ ଇଞ୍ଜିନିୟରିଂ ଓ ନବସୃଜନ କ୍ଷମତା ସହ ଓଡ଼ିଶାର ସମ୍ପଦ ଓ ସାମର୍ଥ୍ୟର ସମନ୍ୱୟ ବିଶ୍ୱସ୍ତରୀୟ ଉତ୍ପାଦନ ଓ ସ୍ଥାୟୀ ଶିଳ୍ପ ବିକାଶର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ବୈଠକରେ ଓଡ଼ିଶା ସରକାର ଓ ପ୍ରିଫେକ୍ଚର ମଧ୍ୟରେ ପ୍ରସ୍ତାବିତ ମୈତ୍ରୀ ଚୁକ୍ତି( ଫ୍ରେଣ୍ଡସିପ୍ ଏଗ୍ରିମେଂଟ) ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତାବିତ ସହଯୋଗ ଅଧୀନରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବ୍ୟବସାୟ, ଉଭୟ ରାଜ୍ୟର ଦକ୍ଷ ମାନବ ସମ୍ବଳର ଆଦାନ-ପ୍ରଦାନ, ରୋଜଗାର ସୁଯୋଗ ସୃଷ୍ଟି , ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମ ଏବଂ ଶିକ୍ଷାଗତ ସହଯୋଗକୁ ପ୍ରୋତ୍ସାହନ,ଉଭୟ ରାଜ୍ୟର ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରର ସୁଯୋଗ ଓ ସୂଚନା ବିନିମୟକୁ ସୁଦୃଢ଼ କରିବ ।ଆଗାମୀ ନଭେମ୍ବର ମାସରେ ତତୋରି ପ୍ରଦେଶର ରାଜ୍ୟପାଳ ଓଡ଼ିଶା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା । ପର୍ଯ୍ୟଟନ କ୍ଷେତ୍ରରେ ବୌଦ୍ଧ ଐତିହ୍ୟକୁ ଆଧାର କରି ଉଭୟ ପ୍ରଦେଶ ମଧ୍ୟରେ ଅଭିଜ୍ଞତା ବିନିମୟ, ପ୍ରୋତ୍ସାହନ ଏବଂ ପରସ୍ପର ପ୍ରତିନିଧି ଦଳ ଗସ୍ତ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, କ୍ରୀଡ଼ା, ଏମଏସଏମଇ ଆଦି ବିଭାଗର ସଚିବବୃନ୍ଦ, ଇପିକଲର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇଥିବା ବେଳେ ଅନୁରୂପ ଭାବେ ତତୋରି ପ୍ରଦେଶର ପର୍ଯ୍ୟଟନ ଓ ଆଦାନ-ପ୍ରଦାନ ବ୍ୟୁରୋର ମହାନିର୍ଦ୍ଦେଶକ, ବାଣିଜ୍ୟ ଓ ଲଜିଷ୍ଟିକ୍ସ ବିଭାଗର ନିର୍ଦ୍ଦେଶକ, କଲ୍ୟାଣ ବିଭାଗର ନିର୍ଦ୍ଦେଶକ, ବାଣିଜ୍ୟ ବିଭାଗର ନିଯୁକ୍ତି ନୀତି ବିଭାଗ ନିର୍ଦ୍ଦେଶକ, ନିଯୁକ୍ତି ସହାୟତା ସେବାର ନିର୍ଦ୍ଦେଶକ, ୱାଇସିପି ଇଂଟରନ୍ୟାସନାଲ୍ ବି.ଭି. କମ୍ପାନୀର ନିର୍ଦ୍ଦେଶକ ଏବଂ କମ୍ପାନୀର ଆନ୍ତର୍ଜାତିକ ସମ୍ପର୍କ ସଂଯୋଜକ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗ ନେଇ ଆଲୋଚନା କରିଥିଲେ ।

# ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଅଧ୍ୟକ୍ଷତା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର କୃଷି କ୍ଷେତ୍ରକୁ ଏକ ଲାଭଦାୟକ ବ୍ୟବସାୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ନୂଆ କୃଷି-ଉଦ୍ୟୋଗୀମାନଙ୍କୁ ସମୟସୀମା ମଧ୍ୟରେ ଆବଶ୍ୟକ ଋଣ ଯୋଗାଇ ଦେବାରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ରାଜ୍ୟର ସମସ୍ତ ବ୍ୟାଙ୍କ ସହଯୋଗ କରନ୍ତୁ । ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହା କହିଛନ୍ତି ।ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ସଂସ୍ଥା ଦ୍ୱାରା ଭୁବନେଶ୍ୱରର ଲୋକସେବା ଭବନ କନଭେନ୍ସନ ସେଂଟର ଠାରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍, ଏପିକଲ୍ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଝଖଇଉ ସଂଯୋଜକ, ନାବାର୍ଡ ଓ ଆର୍.ବି.ଆଇର ଜେନେରାଲ ମ୍ୟାନେଜର, ସମସ୍ତ ଜିଲ୍ଲାର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ ।ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଯୁବକ, ମହିଳା ଉଦ୍ୟୋଗୀ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ ମାନଙ୍କୁ ସହାୟତା କରିଥିବାରୁ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଏପିକଲ୍ର ପ୍ରଶଂସା କରିଥିଲେ । ରାଜ୍ୟରେ କୃଷି-ବ୍ୟବସାୟକୁ ଆଗକୁ ନେବା ପାଇଁ ସରକାର ଆଗାମୀ ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏପିକଲ୍କୁ ୨,୪୯୬.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ । ଏହି ବୈଠକରେ କୃଷି-ଉଦ୍ୟୋଗୀଙ୍କୁ ସହଜରେ ଋଣ ଦେବା, ବ୍ୟାଙ୍କ ଓ ସରକାରୀ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ଏବଂ ଗାଁର ଯୁବକ ଓ ମହିଳାମାନଙ୍କୁ କୃଷି-ବ୍ୟବସାୟରେ ଅଧିକରୁ ଅଧିକ ସାମିଲ କରିବା ନେଇ ଆଲୋଚନା ହୋଇଥିଲା । ବିଭିନ୍ନ ବ୍ୟାଙ୍କ ଓ ବ୍ୟାଙ୍କ ଅଧିକାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅଗଷ୍ଟ ୧ରୁ ବଦଳିବ ତତ୍କାଳ ଟିକେଟ୍ ବୁକିଂ ନିୟମ



ନୂଆଦିଲ୍ଲୀ : ଆସନ୍ତା ଅଗଷ୍ଟ ୧ତାରିଖରୁ ବଦଳିବ ତତକାଳ ଟିକେଟ ବୁକିଂ ନିୟମ । ଭାରତୀୟ ରେଳବାଇ କାଉଂଟରରେ ତତକାଳ ଟିକେଟ୍ ବୁକ୍ କରିବା ପାଇଁ ଏକ ନୂତନ ଟୋକନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତି ନେଇଛି । ଏହାର ଉଦ୍ଦେଶ୍ୟ ହେଉଛି କାଉଂଟରରେ ଭିଡ଼ ହ୍ରାସ କରିବା ଏବଂ ଯାତ୍ରୀମାନଙ୍କ ପାଇଁ ବୁକିଂ ପ୍ରକ୍ରିୟାକୁ ସରଳ କରିବା ।ନୂତନ ବ୍ୟବସ୍ଥା ଅନୁଯାୟୀ, ତତ୍କାଳ ଟିକେଟ୍ ବୁକ୍ କରିବାକୁ ଚାହୁଁଥିବା ଯାତ୍ରୀମାନଙ୍କୁ ପ୍ରଥମେ ଏକ ଟୋକନ୍ ପ୍ରଦାନ କରାଯିବ । ସେହି ଟୋକନ୍ ଆଧାରରେ ଟିକେଟ୍ ବୁକ୍ କରିବାର ସେମାନଙ୍କର ପାଳି ଆସିବ । ଏହା କାଉଂଟରରେ ଲମ୍ବା ଧାଡ଼ିର ଅସୁବିଧାକୁ ହ୍ରାସ କରିବ ବୋଲି ଆଶା କରାଯାଉଛି । ଏହି ନୂତନ ଟୋକନ୍ ସିଷ୍ଟମର ସବୁଠାରୁ ବଡ଼ ସୁବିଧା ହେଉଛି ଯେ ଯାତ୍ରୀମାନଙ୍କୁ ତତ୍କାଳ ଟିକେଟ୍ ପାଇଁ ବାରମ୍ବାର ରିଜର୍ଭେସନ୍ କାଉଂଟରକୁ ଯିବାକୁ ପଡ଼ିବ ନାହିଁ । ଟୋକନ୍ ପାଇବା ପରେ, ସେମାନେ ଆରାମରେ ନିଜ ପାଳି ପାଇଁ ଅପେକ୍ଷା କରିପାରିବେ । ଏହା କାଉଂଟରରେ ଭିଡ଼ ହ୍ରାସ କରିବ ଏବଂ ଟିକେଟ୍ ବୁକିଂ ପ୍ରକ୍ରିୟାକୁ ବହୁତ ସହଜ କରିବ । ପୂର୍ବରୁ, ଯାତ୍ରୀମାନଙ୍କୁ ଏକ ଟୋକନ୍ ପାଇବା ପାଇଁ ଏକ ଭିନ୍ନ କାଉଂଟରକୁ ଯିବାକୁ ପଡୁଥିଲା । ପରେ, ସେମାନଙ୍କୁ ଟିକେଟ୍ ବୁକ୍ କରିବା ପାଇଁ ପୁଣି ଥରେ ଧାଡ଼ିରେ ଠିଆ ହେବାକୁ ପଡୁଥିଲା । ଅର୍ଥାତ୍ ସେମାନଙ୍କୁ ଦୁଇଥର କାଉଂଟରକୁ ଯିବାକୁ ପଡୁଥିଲା । ନୂତନ ବ୍ୟବସ୍ଥା ଏହି ଅସୁବିଧାକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛି ।

# ଭୁବନେଶ୍ୱର ଏମ୍ସରେ ୩୬ ଦିନର ଏକମୋ ସହାୟତା ପରେ ନୂତନ ଜୀବନ ପାଇଲେ ୪୯ ବର୍ଷୀୟା ମହିଳା



ଭୁବନେଶ୍ୱର: ମୃତ୍ୟୁ ସହିତ ୩୬ ଦିନର ସଂଘର୍ଷ । ଗୁରୁତର ଶ୍ୱାସକ୍ରିୟା ବିଫଳତା ପରେ ପ୍ରତିଟି ମୁହୂର୍ତ ଥିଲା ମୂଲ୍ୟବାନ । ମାତ୍ର ଏମ୍ସ ଭୁବନେଶ୍ୱର ଡାକ୍ତରୀ ଦଳଙ୍କ ପ୍ରତିବଦ୍ଧତା, ନିଷ୍ଠାପର ଉଦ୍ୟମ, ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଏକପ୍ରକାର ଅସମ୍ଭବ ଲାଗୁଥିବା ଘଟଣାକୁ ସମ୍ଭବରେ ପରିଣତ କରିଛି । ଗୁରୁତର ନିମୋନିଆରେ ପୀଡ଼ିତ ହୋଇ ଝାରସୁଗୁଡାର ଜଣେ ୪୯ ବର୍ଷୀୟା ମହିଳା ପୁଲିସ ଅଧିକାରୀଙ୍କୁ ଏପ୍ରିଲ୍ ମାସ ୧୮ ତାରିଖରେ ଭୁବନେଶ୍ୱରର ଏକ କର୍ପୋରେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସର୍ବୋତମ ଆଇସିୟୁ କେୟାର ଏବଂ ଯାନ୍ତ୍ରିକ ଭେଂଟିଲେସନ୍ ପାଇବା ସତ୍ତ୍ୱେ, ଉକ୍ତ ମହିଳା ପୁଲିସ ଅଧିକାରୀଙ୍କ ଅମ୍ଳଜାନ ସ୍ତର ଖରାପ ହେବାକୁ ଲାଗିଲା । ଗୁରୁତର ଶ୍ୱାସକ୍ରିୟା ବିଫଳତାର ସମ୍ମୁଖୀନ ହୋଇ, ତାଙ୍କୁ ଉନ୍ନତ ଜୀବନ ସହାୟତା ପାଇଁ ମେ ମାସ ୭ ତାରିଖରେ ଏମ୍ସ ଭୁବନେଶ୍ୱରକୁ ରେଫର କରାଯାଇଥିଲା । ମଧ୍ୟରାତ୍ରିରେ ଗୁରୁତର ହାଇପୋକ୍ସେମିଆ ସହିତ ଅତ୍ୟନ୍ତ ସଙ୍କଟଜନକ ଅବସ୍ଥାରେ ମେଡିକାଲ ଇଂଟେନ୍ସିଭ୍ କେୟାର ୟୁନିଟ୍ ରେ ପହଂଚିବା ପରେ, ଇଂଟେନ୍ସିଭ୍ କେୟାର ମେଡିସିନ୍ ଏବଂ ଏକମୋ ବିଶେଷଜ୍ଞ ଡ. ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତୁରନ୍ତ ଜୀବନ ରକ୍ଷାକାରୀ ଭିଭି-ଏକମୋ ଥେରାପି ଆରମ୍ଭ କରିଥିଲେ । ମହିଳାଙ୍କ ଫୁସଫୁସକୁ ସୁସ୍ଥ କରିବା ପାଇଁ ୩୬ ଦିନ ନିରନ୍ତର ଏକମୋ ସହାୟତା (୭ ମେ ରୁ ୧୨ ଜୁନ୍, ୨୦୨୬) ପ୍ରଦାନ କରଯାଇଥିଲା । ଆକ୍ୟୁଟ୍ ରେସ୍ପିରେଟୋରୀ ଡିଷ୍ଟ୍ରେସ୍ ସିଣ୍ଡ୍ରୋମ୍ (ଏଆରଡିଏସ) ପାଇଁ ୩୬ ଦିନ ଧରି ଭେନୋ-ଭେନସ୍ ଏକ୍ସଟ୍ରାକର୍ପୋରିଆଲ୍ ମେମ୍ବ୍ରାନ୍ ଅକ୍ସିଜେନେସନ୍ (ଭିଭି-ଏକମୋ) ସହାୟତା ପରେ ମହିଳା ପୁଲିସ ଅଧିକାରୀଙ୍କ ସଫଳତାର ସହ ଚିକିତ୍ସା କରି ଏମ୍ସ ଭୁବନେଶ୍ୱର ଉନ୍ନତ ଇଂଟେନ୍ସିଭ୍ କେୟାର ମେଡିସିନ୍ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଂଟ ହାସଲ କରିଛି । ଏହି ୩୬ ଦିନ ସମୟ ମଧ୍ୟରେ, ମହିଳାଙ୍କୁ ବ୍ୟାପକ ଇଂଟେନ୍ସିଭ୍ କେୟାର ମିଳିଥିଲା । ରୋଗୀଙ୍କ ଫୁସଫୁସ ଧୀରେ ଧୀରେ ସୁସ୍ଥ ହେବା ପରେ, ତାଙ୍କୁ ୧୨ ଜୁନ୍, ୨୦୨୬ ରେ ଏକମୋ ସହାୟତାରୁ ସଫଳତାର ସହ ମୁକ୍ତ କରାଯାଇଥିଲା ଏବଂ ୨୭ ଜୁନ୍ ରେ ଯାନ୍ତ୍ରିକ ଭେଂଟିଲେସନରୁ ବାହାର କରାଯାଇଥିଲା । ଏକାଧିକ ମେଡିକାଲ୍ ପ୍ରକ୍ରିୟା ପରେ ମହିଳା ପୁଲିସ ଅଧିକାରୀଙ୍କୁ ୬ ଜୁଲାଇରେ ଏମଆଇସିୟୁ ରୁ ଜେନେରାଲ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଥିଲା । ୧୮ ଜୁଲାଇ ସୁଦ୍ଧା ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ସପ୍ଲିମେଂଟାଲ୍ ଅକ୍ସିଜେନ୍ ମୁକ୍ତ କରାଯାଇଥିଲା ।ସ୍ୱାଭାବିକ ଭାବେ ମହିଳା ଜଣଙ୍କ ନିଜର ଦୈନନ୍ଦିନ କାର୍ଯ୍ୟକଳାପ ସମ୍ପନ୍ନ କରିବା ପରେ, ରୋଗୀଙ୍କୁ ୨୪ ଜୁଲାଇରେ ଏମ୍ସରୁ ଡିସଚାର୍ଜ କରାଯାଇଥିଲା । ଏପରି ଉଲ୍ଲେଖନୀୟ କ୍ଲିନିକାଲ୍ ସଫଳତା ହାସଲ କରିଥିବାରୁ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

# ରାଜ୍ୟ ଗୋଷ୍ଠୀ କ୍ରୀଡ଼ା : ଭାରୋତୋଳନରେ ରୌପ୍ୟ ପଦକ ପାଇଲେ ଅଜୟ ବାବୁ




ଗ୍ଲାସ୍‌ଗୋ : ଭାରତର ଉଦୀୟମାନ ଭାରୋତୋଳକ ଭେଲୁରି ଅଜୟ ବାବୁ ମଙ୍ଗଳବାର ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଛନ୍ତି । ସେ ପୁରୁଷ ୭୯ କେଜି କାଟେଗୋରୀରେ ଏହି ସଫଳତା ପାଇଛନ୍ତି । ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲାର ୨୧ ବର୍ଷୀୟ ଭାରୋତୋଳକ ସ୍ନାଚରେ ୧୪୯ କେଜି ଓ କ୍ଲିନ ଆଣ୍ଡ୍ ଜର୍କରେ ୧୮୧ କେଜିକୁ ମିଶାଇ ମୋଟ ୩୩୦ କେଜି ଭାର ଉଠାଇ ପୋଡ଼ିୟମରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ସେ ମାତ୍ର ୧ କେଜି ବ୍ୟବଧାନରେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଛନ୍ତି । ମାଲେସିଆର ଏରି ହିଦାୟତ ମହମ୍ମଦ ମୋଟ ୩୩୧ (୧୪୭ + ୧୮୪) କେଜି ଭାର ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଚଳିତ ପ୍ରତିଯୋଗିତାରେ ଭାରତୋଳନରେ ଏହା ଭାରତ ପାଇଁ ଷଷ୍ଠ ପଦକ । ଏଥିସହିତ ଭାରତର ପଦକ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି, ଯେଉଁଥିରେ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ ବ୍ରୋଞ୍ଜ ରହିଛି ।ସ୍ନାଚରେ ୧୪୯ କେଜି ଭାର ଉଠାଇବାରେ ବିଫଳ ହୋଇଥିବା ଅଜୟ ବାବୁ ତାଙ୍କର ଅନ୍ତିମ ଉଦ୍ୟମରେ ସଫଳ ହେବା ସହ ନୂଆ ରେକର୍ଡ କରିଥିଲେ । ମାଲେସିଆର ହିଦାୟତ ୧୪୭ କେଜି ଉଠାଇଥିଲେ । କ୍ଲିନ ଆଣ୍ଡ୍ ଜର୍କରେ ହିଦାୟତ ପ୍ରଥମେ ୧୮୧ କେଜି ଭାର ଉଠାଇଥିଲେ, ଯାହା ସହିତ ଅଜୟ ବାବୁ ତାଙ୍କର ଅନ୍ତିମ ଉଦ୍ୟମରେ ସମକକ୍ଷ ହୋଇଥିଲେ । ହେଲେ ହିଦାୟତ ପରବର୍ତୀ ଉଦ୍ୟମରେ ୧୮୪ କେଜି ଭାର ଉଠାଇ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଅଧିକାର କରିଥିଲେ ।

# ଭାରତୀୟ ଟେଷ୍ଟ ଦଳରେ ସାରାଂଶ ଜୈନଙ୍କୁ ମିଳିଲା ସୁଯୋଗ



ନୂଆଦିଲ୍ଲୀ: ଶ୍ରୀଲଙ୍କା ବିରୋଧରେ ଆଗାମୀ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଯାଉଥିବା ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି । ଟିମରେ ସାରାଂଶ ଜୈନଙ୍କୁ ପ୍ରଥମ ଥର ପାଇଁ ସ୍ଥାନ ମିଳିଛି, ଯିଏକି ମଧ୍ୟପ୍ରଦେଶର ଜଣେ ସ୍ପିନ ବୋଲିଂ ଅଲରାଉଣ୍ଡର୍ର ଅଟନ୍ତି । ରବୀନ୍ଦ୍ର ଜାଡେଜାଙ୍କ ଟିମ୍ ?କୁ ପ୍ରତ୍ୟାବର୍ତନ ହୋଇଛି । ସେହିପରି ସାଇ ସୁଦର୍ଶନ ଏବଂ ଯଶପ୍ରୀତ ବୁମ୍ରାଙ୍କ ଉପଲବ୍ଧତା ଇଉଉଓ ଉଙର ଠାରୁ ଫିଟନେସ ଅନୁମୋଦନ ଉପରେ ନିର୍ଭର କରିବ । ୱାଶିଂଟନ ସୁନ୍ଦର ପ୍ରଥମ ଟେଷ୍ଟ ପାଇଁ ଚୟନ ନିମନ୍ତେ ଉପଲବ୍ଧ ନାହାଁନ୍ତି ।୧୫ ଜଣିଆ ଏହି ଟିମରେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟଜନକ ଖବର ହେଉଛି ସାରାଂଶ ଜୈନ । ମଧ୍ୟପ୍ରଦେଶର ଏହି ୩୩ ବର୍ଷୀୟ ଅଲରାଉଣ୍ଡର ଦ୍ୱିତୀୟ ଶ୍ରେଣୀ କ୍ରିକେଟରେ ଏକ ଦଶନ୍ଧିରୁ ଅଧିକ ସମୟ ବିତାଇବା ପରେ ପ୍ରଥମ ଥର ପାଇଁ ସିନିୟର ଭାରତୀୟ ଟିମରେ ସ୍ଥାନ ପାଇଛନ୍ତି । ଡାହାଣହାତୀ ଅଫ-ସ୍ପିନର ଏବଂ ବାମହାତୀ ବ୍ୟାଟ୍ସମ୍ୟାନ ଜୈନ ଲମ୍ବା ଫର୍ମାଟରେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରିଆସୁଛନ୍ତି । ତାଙ୍କର ଏହି ଚୟନ ଶ୍ରୀଲଙ୍କା ବିପକ୍ଷରେ ରହିଥିବା ଭାରତ 'ଏ' ର ଚମତ୍କାର ଗସ୍ତ ପରେ ହୋଇଛି । ଜୈନ ଦ୍ୱିତୀୟ ବେସରକାରୀ ଟେଷ୍ଟର ପ୍ରଥମ ଇନିଂସରେ ଶ୍ରୀଲଙ୍କା 'ଏ' ର ଚାରୋଟି ଏବଂ ଦ୍ୱିତୀୟ ଇନିଂସରେ ଦୁଇଟି ଉଇକେଟ୍ ହାସଲ କରିଥିଲେ । ସେ ବ୍ୟାଟିଂରେ ମଧ ଅପରାଜିତ ୭୦ ରନ କରିଥିଲେ, ଯାହା ଫଳରେ ଭାରତ 'ଏ' ୧୦ ଉଇକେଟ୍‌ରେ ବିଜୟୀ ହୋଇ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ନିଜ ନାମରେ କରିଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**